ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ବାଲେଶ୍ୱର ■ ମଙ୍ଗଳବାର ୦୫ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 05 MARCH 2024
Vol.No. 35 ■ No.64 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ବିକଶିତ ଭାରତ, ବିକଶିତ ଓଡ଼ିଶା

# ମୋଦୀ ସରକାରଙ୍କ ଗ୍ୟାରେଣ୍ଟି

## ଓଡ଼ିଶା ପାଇଁ ୨୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ବିବିଧ ବିକାଶୋନ୍ମୁଖୀ ପ୍ରକଳ୍ପର ଉପହାର

### ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ

- ବାଂଶପାଣି-ଦୈତାରୀ-ଟମ୍କା-ଯଖପୁରା ରେଳ ଲାଇନ୍ (୧୬୨ କିମି)
- ୧୦୪.୧୭୬ କିମି ପାଇଁ ୪୯ନଂ ଜାତୀୟ ରାଜପଥର ସିଙ୍ଗଡ଼ା-ବିଞ୍ଜାବାହାଲ ସେକ୍ସନ ୪ ଲେନ୍
- ୭୮.୩୧୮ କିମି ପାଇଁ ୪୯ନଂ ଜାତୀୟ ରାଜପଥର ବିଞ୍ଜାବାହାଲ-ତିଲେଇବଣୀ ସେକ୍ସନ ଯାଏ ୪ ଲେନ୍
- ୫୬.୭୮ କିମି ପାଇଁ ୧୬ନଂ ଜାତୀୟ ରାଜପଥର ଟାଙ୍ଗୀ-ଭୁବନେଶ୍ୱର ସେକ୍ସନ ଯାଏ ୬ ଲେନ୍
- ୮୧.୨୬ କିମି ପାଇଁ ୧୮ନଂ ଜାତୀୟ ରାଜପଥର ବାଲେଶ୍ୱର-ଝାରପୋଖରିଆ ସେକ୍ସନ ଯାଏ ୪ ଲେନ୍
- ଖୋର୍ଦ୍ଧା ରୋଡ୍-ବାରଙ୍ଗର ତୃତୀୟ ରେଳ ଲାଇନ୍ (୩୨.୩୪କିମି)
- ଗଞ୍ଜାମରେ ଦିନକୁ ୫୦ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ସମୁଦ୍ର ଜଳରୁ ଲବଣ ଅପସାରଣ ପ୍ଲାଣ୍ଟ

### ଶିଳାନ୍ୟାସ

- ୭୭ କିମି ପାଇଁ ୫୩ନଂ ଜାତୀୟ ରାଜପଥର ଚଣ୍ଡିଖୋଲ-ପାରାଦୀପ ସେକ୍ସନ ଯାଏ ୮ ଲେନ୍
- ୨୦ନଂ ଜାତୀୟ ରାଜପଥର ୦ରୁ ୩୫.୮୦୦ କିମି ୪ଏଲ୍+ପିଏସ୍ /୨ଏଲ୍+ ପିଏସ୍ (କୁଆଖିଆ- ମଙ୍ଗଳପୁର ସେକ୍ସନ)
- ନର୍ଲାଠାରେ ଇଲେକ୍ଟ୍ରିକ୍ ଲୋକୋ ପିରିଓଡିକାଲ ଓଭରହୋଲିଙ୍ଗ ୱାର୍କସପ୍
- କଣ୍ଟାବାଞ୍ଜିରେ ୱାଗନ୍ ପିରିଓଡିକାଲ୍ ଓଭରହୋଲିଙ୍ଗ ୱାର୍କସପ୍
- ବାଘୁଆପାଳରେ ୱାଗନ ରକ୍ଷଣାବେକ୍ଷଣ ସୁବିଧାକେନ୍ଦ୍ର

### ଉଦ୍‌ଘାଟନ

- ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍‌ର ପାରାଦୀପ ବିଶୋଧନାଗାରରେ ମୋନୋ ଇଥିଲିନ୍ ଗ୍ଲାଇକୋଲ୍(ଏମ୍ଇଜି) ପ୍ରକଳ୍ପ
- ଇଣ୍ଡିଆନ୍ ଅଏଲ୍‌ର ପାରାଦୀପ-ସୋମନାଥପୁର-ଦଳଦିଆ ପ୍ରକଳ୍ପ ପାଇପ୍‌ଲାଇନ୍
- ପାରାଦୀପରେ ଇଣ୍ଡିଆନ୍ ଅଏଲ୍ ଏଲପିଜି ଆମଦାନୀ ଟର୍ମିନାଲ୍
- କଳିଙ୍ଗ ନଗର ଅଞ୍ଚଳରେ କୋନ୍‌କୋର୍ କଣ୍ଟେନର୍ ଡିପୋଟ୍

### ଶୁଭାରମ୍ଭ

- କେନ୍ଦୁଝରଗଡ଼ ଷ୍ଟେସନରୁ ପୁରୀ-ଆନନ୍ଦବିହାର ଟର୍ମିନାଲ୍ ମଧ୍ୟରେ ନୂଆ ଟ୍ରେନ୍
- ପାରାଦୀପ ଷ୍ଟେସନରୁ ପାରାଦୀପ-କେନ୍ଦୁଝରଗଡ଼ ମଧ୍ୟରେ ନୂଆ ଟ୍ରେନ୍
- ଏମ୍ଏମ୍ଏଲ୍‌ପି ଯାଜପୁର, ଓଡ଼ିଶାରୁ ଆଇସିଡି ଦାଦରୀ, ଉତ୍ତରପ୍ରଦେଶରୁ କଣ୍ଟେନର୍ ଟ୍ରେନ୍

### ପ୍ରକଳ୍ପର ଲାଭ

- ଆତ୍ମନିର୍ଭରତା ଏବଂ ଶକ୍ତି କ୍ଷେତ୍ରରେ ସ୍ୱାବଲମ୍ବନ ଦିଗରେ ମହତ୍ୱପୂର୍ଣ୍ଣ ପଦକ୍ଷେପ
- ୬୦ ଲକ୍ଷ ଶ୍ରମଦିବସର ନିଯୁକ୍ତି ସୃଷ୍ଟି
- ଓଡ଼ିଶା ଏବଂ ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଛତିଶଗଡ଼ ମଧରେ ଉନ୍ନତ ଯୋଗାଯୋଗ
- କ୍ଷେତ୍ରୀୟ ବ୍ୟବସାୟ ଏବଂ ଔଦ୍ୟୋଗିକ ଅଭିବୃଦ୍ଧି ନିମନ୍ତେ ଉତ୍ତମ ରେଳ ଯୋଗାଯୋଗ
- ପାରାଦୀପ ବନ୍ଦରକୁ ଉନ୍ନତ ଯୋଗାଯୋଗ

## ଶ୍ରୀ ନରେନ୍ଦ୍ର ମୋଦୀ

ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ କରକମଳରେ

ଗରିମାମୟ ଉପସ୍ଥିତି

**ଶ୍ରୀଯୁକ୍ତ ରଘୁବର ଦାସ**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ଶିକ୍ଷା ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ

**ଶ୍ରୀଯୁକ୍ତ ବିଶ୍ୱେଶ୍ୱର ଟୁଡୁ**
ଜନଜାତୀୟ କାର୍ଯ୍ୟ ଏବଂ ଜଳଶକ୍ତି ରାଜ୍ୟ ମନ୍ତ୍ରୀ

ଚଣ୍ଡୀଖୋଲ, ଓଡ଼ିଶା, ମଙ୍ଗଳବାର, ୫ ମାର୍ଚ୍ଚ, ୨୦୨୪, ଅପରାହ୍ଣ ୦୩:୧୫ ଘଟିକା






DD NEWS ଡିଡି ନ୍ୟୁଜ୍‌ରେ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖନ୍ତୁ



ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୫ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 05 MARCH 2024

Vol.No. 35 ■ No.64 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଭୋଟ୍ ବଦଳରେ ଲାଞ୍ଚ କାରବାର: ସାଂସଦ ଓ ବିଧାୟକଙ୍କୁ ସୁରକ୍ଷା ନାହିଁ



ନୂଆଦିଲ୍ଲୀ, ୦୪/୩ : ଭୋଟ୍ ବଦଳରେ ଲାଞ୍ଚ ନେବା ମାମଲାରେ ସାଂସଦ ଓ ବିଧାୟକମାନଙ୍କୁ ଦିଆଯାଇଥିବା ଆଇନଗତ ସୁରକ୍ଷା ଉପରେ ରୋକ୍ ଲଗାଇଲେ ସୁପ୍ରିମକୋର୍ଟ । ଏ ଉପରେ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇ ଅଦାଲତ କହିଛନ୍ତି, ଭୋଟ୍ ବଦଳରେ ନୋଟ୍ ନେଉଥିବା ସାଂସଦ କିମ୍ବା ବିଧାୟକଙ୍କ ପାଇଁ କୌଣସି ପ୍ରକାର ଆଇନଗତ ସୁରକ୍ଷା ନାହିଁ। ପୂର୍ବରୁ ଦିଆଯାଇଥିବା ନିଷ୍ପତ୍ତିକୁ ରଦ୍ଦ କରାଯାଉଛି। ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ସାତ ଜଣିଆ ଖଣ୍ଡପୀଠ ଏହି ରାୟ ପ୍ରକାଶ କରିଛନ୍ତି। ଖଣ୍ଡପୀଠରେ ଜଷ୍ଟିସ୍ ଏସ୍ ବୋପାନ୍ନା, ଜଷ୍ଟିସ୍ ଏମ୍ ସୁନ୍ଦରେଶ, ଜଷ୍ଟିସ୍ ପିଏସ୍ ନରସିଂହ, ଜେବି ପରଦିୱାଲ, ଜଷ୍ଟିସ୍ ସଞ୍ଜୟ କୁମାର ଏବଂ ଜଷ୍ଟିସ୍ ମନୋଜ ମିଶ୍ର ଉପସ୍ଥିତ ଥିଲେ। ୧୯୯୮ରେ ସୁପ୍ରିମକୋର୍ଟର ପାଞ୍ଚ ଜଣିଆ ଖଣ୍ଡପୀଠ ଦେଇଥିବା ରାୟ ଅନୁସାରେ, ଯଦି ନିର୍ବାଚନ ସମୟରେ କୌଣସି ବିଧାୟକ କିମ୍ବା ସାଂସଦ ଲାଞ୍ଚ କାରବାର କରିଛନ୍ତି, ତେବେ ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିବ ନାହିଁ। ଅଦାଲତଙ୍କ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରାଯାଇଥିଲା। ଗତ ବର୍ଷ ଅକ୍ଟୋବର ୫ରେ ଅଦାଲତ ଏ ଉପରେ ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ଆଜି ରାୟ ପ୍ରକାଶ କରି ଅଦାଲତ କହିଛନ୍ତି, 'ଭୋଟ୍ ପାଇଁ ଲାଞ୍ଚ କାରବାରରେ ସାଂସଦ / ବିଧାୟକଙ୍କ ବିରୋଧରେ ମାମଲା ରୁଜୁ କରାଯାଇପାରିବ। ୧୯୯୮ରେ ଦିଆଯାଇଥିବା ରାୟରେ ଆମେ ସହମତ ନାହୁଁ। ସମ୍ବିଧାନର ଧାରା ୧୦୫ ଏବଂ ୧୯୪ରେ ଲାଞ୍ଚ ଉପରେ ଛାଡ଼ ପାଇଁ କୌଣସି ବ୍ୟବସ୍ଥା ନାହିଁ, କାରଣ ଲାଞ୍ଚ ଏକ ଅପରାଧିକ କାର୍ଯ୍ୟ। ତେଣୁ ଏଥିରେ କୌଣସି ପ୍ରକାର ଆଶ୍ୱସ୍ତି ମିଳିପାରିବ ନାହିଁ।' ଏହି ଶୁଣାଣି ସମୟରେ ଗୃହରେ ସଦସ୍ୟମାନେ ଦେଉଥିବା ଅପମାନଜନକ ବକ୍ତବ୍ୟକୁ ଅପରାଧ ବୋଲି ବିଚାର କରିବାର ପ୍ରସ୍ତାବ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଗୃହରେ ବିବାଦୀୟ କିମ୍ବା ଆପତ୍ତିଜନକ ବିବୃତ୍ତି ରଖୁଥିବା ସଦସ୍ୟଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁମତି ଦେବାକୁ ପ୍ରସ୍ତାବ ଦିଆଯାଇଥିଲା। ଅଦାଲତ କିନ୍ତୁ ଏହି ପ୍ରସ୍ତାବକୁ ଖଣ୍ଡନ କରି ଦେଇଛନ୍ତି। ସାଂସଦ କିମ୍ବା ବିଧାୟକଙ୍କର ଗୃହରେ ବିବୃତ୍ତି ଦେବାରେ ସ୍ୱାଧୀନତା ରହିଛି। ଗୃହ ଭିତରେ ସେମାନଙ୍କ ଟିପ୍ପଣୀ ପାଇଁ ଦଣ୍ଡିତ କରାଯାଇ ପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

## ରାଜ୍ୟ ସରକାରଙ୍କ ଘୋଷଣା: ନିଯୁକ୍ତି ପାଇବେ ଆଉ ୧୦ହଜାର କନିଷ୍ଠ ଶିକ୍ଷକ



ଭୁବନେଶ୍ୱର, ୦୪/୩ (ନି.ପ୍ର): ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଯୁବବର୍ଗଙ୍କୁ ଆକୃଷ୍ଟ ପାଇଁ ପୁଣି ଏକ ଘୋଷଣା କରିଛନ୍ତି । ରାଜ୍ୟରେ ଆଉ ୧୦ହଜାର କନିଷ୍ଠ ଶିକ୍ଷକ (ସ୍କିମାଟିକ)ଙ୍କୁ ନିଯୁକ୍ତି ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏବେ ରାଜ୍ୟରେ ୨୦ହଜାର କନିଷ୍ଠ ଶିକ୍ଷକ (ସ୍କିମାଟିକ୍)ଙ୍କ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ଏହା ଶେଷ ହେବା ପରେ ଏହି ୧୦ହଜାର କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟାର ଆରମ୍ଭ କରାଯିବ ବୋଲି ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ସୂଚନା ଦେଇଛି। ବିଭାଗର ସୂଚନା ଅନୁସାରେ, ରାଜ୍ୟରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲରେ ଖାଲି ପଡ଼ିଥିବା ପଦବୀଗୁଡ଼ିକ ପୂରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ୧୦ହଜାର କନିଷ୍ଠ ଶିକ୍ଷକ(ସ୍କିମାଟିକ) ନିୟୋଜିତ କରିବାକୁ ସ୍ଥିର ହୋଇଛି । ଏହି ନିୟୋଜନ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଏବେ ଚାଲୁ ରହିଥିବା ୨୦ହଜାର କନିଷ୍ଠ ଶିକ୍ଷକ(ସ୍କିମାଟିକ) ପଦବୀ ପୂରଣର ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ଏହି ୧୦ହଜାର ନୂଆ ନିଯୁକ୍ତି ନିମନ୍ତେ ପ୍ରକ୍ରିୟା ଆରମ୍ଭ ହେବ । ରାଜ୍ୟ ସରକାର ୨୦୨୩ ସେପଟେମ୍ବର ମାସରେ ରାଜ୍ୟରେ ୨୦ହଜାର କନିଷ୍ଠ ଶିକ୍ଷକ (ସ୍କିମାଟିକ) ନିଯୁକ୍ତି ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିଥିଲେ, ଯାହା ଅଦ୍ୟାବଧି ଜାରି ରହିଛି । ସୂଚନାଯୋଗ୍ୟ, ▶▶ପୃଷ୍ଠା ୭

## ଓଏଏସସ୍ତରରେ ବଦଳି: ଯୁଗଳେଶ୍ୱରୀ ଦାସ ରାଜ୍ୟ ଇଏସଆଇ ନିର୍ଦ୍ଦେଶକ

ଭୁବନେଶ୍ୱର, ୦୪/୩ (ନି.ପ୍ର): ରାଜ୍ୟ ସରକାର ବରିଷ୍ଠ ଓଏଏସ୍ ଅଫିସରସ୍ତରରେ ଅଦଳବଦଳ କରିଛନ୍ତି। ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ବରିଷ୍ଠ ଓଏଏସ୍ ଯୁଗଳେଶ୍ୱରୀ ଦାସଙ୍କୁ ରାଜ୍ୟ ଇଏସଆଇ ନିର୍ଦ୍ଦେଶକ ଭାବେ ବଦଳି ହୋଇଛି । ଭୁବନେଶ୍ୱର ରାଜସ୍ୱ ଅଫିସର ପ୍ରଶିକ୍ଷଣ ପ୍ରତିଷ୍ଠାନ(ରୋଟି)ର ନିର୍ଦ୍ଦେଶକ ଭାବେ ଗତ ୨୨ତାରିଖରେ ତାଙ୍କର ବଦଳିକୁ ଆଜି ରଦ୍ଦ କରିଦିଆଯାଇଛି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ବରିଷ୍ଠ ଓଏଏସ୍ ସୟେଦ ମହମ୍ମଦ ଅକଦାସଙ୍କୁ କଟକସ୍ଥିତ ବୋର୍ଡ ଅଫ ରେଭନ୍ୟୁର ସ୍ୱତନ୍ତ୍ର ସଚିବ ଭାବେ ଅବସ୍ଥାପିତ କରାଯାଇଛି। ସେ କଟକରେ ଭୂସଂସ୍କାର କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ । ସେହିପରି ବରିଷ୍ଠ ଓଏଏସ୍ ଜ୍ୟୋର୍ତିମୟୀ ପ୍ରଧାନଙ୍କୁ କଟକ ଉନ୍ନୟନ ପ୍ରାଧିକରଣ(ସିଡିଏ)ର ସଚିବ ଭାବେ ବଦଳି ହୋଇଛି । ସେ ଏବେ କୃଷି ଓ କୃଷକ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଛନ୍ତି । ସେହିପରି କୃଷି ବିଭାଗର ଅତିରିକ୍ତ ସଚିବ ବରିଷ୍ଠ ଓଏଏସ୍ ସସ୍ମିତା ସାହୁଙ୍କୁ ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ଭାବେ ବଦଳି ହୋଇଛି । ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ସଚିବ ଅତସୀ ଦାସଙ୍କୁ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ଯୁଗ୍ମ ଏସଆରସି ଭାବେ ବଦଳି ହୋଇଛି ।

## ଆଜି ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ: ଭେଟି ଦେବେ ୧୯,୬୦୦ କୋଟି ଟଙ୍କାର ପ୍ରକଳ୍ପ



ଭୁବନେଶ୍ୱର, ୦୪/୩ (ନି.ପ୍ର): ଆସନ୍ତାକାଲି ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଚଣ୍ଡିଖୋଲରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବେ ପ୍ରଧାନମନ୍ତ୍ରୀ । ଏହି ଅବସରରେ ୧୯ ହଜାର ୬ଶହ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବେ । ଏଥି ସହ ସେଠାରେ ଆୟୋଜିତ ବିଶାଳ ଜନସଭାକୁ ସମ୍ବୋଧିତ କରିବେ ପ୍ରଧାନମନ୍ତ୍ରୀ । ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ କେନ୍ଦ୍ରୀୟ ସୁରକ୍ଷା ଟିମ୍, ଯାଜପୁର ଜିଲ୍ଲା ପ୍ରଶାସନ, ରାଜ୍ୟ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥାର ଗ୍ରହଣ କରାଯାଇଛି । କାଲି ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ । ଓଡ଼ିଶାକୁ ୧୯ହଜାର ୬ ଶହ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଭେଟି ଦେବେ ମୋଦି । ଚଣ୍ଡିଖୋଲରେ କରିବେ ବିଶାଳ ସମାବେଶ । ଆସନ୍ତାକାଲି ଅପରାହ୍ଣ ୨ଟା ୪୦ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସେଠାରୁ ହେଲିକପ୍ଟର ଯୋଗେ ଚଣ୍ଡିଖୋଲର ବେଣାପୁର ସଭାସ୍ଥଳକୁ ଯିବେ । ଅପରାହ୍ଣ ୩ଟା ୧୫ ମିନିଟ୍ ?ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ତୈଳ ଓ ଗ୍ୟାସ, ରେଳବାଇ, ସଡ଼କ, ପରିବହନ ଓ ରାଜପଥ ଏବଂ ଅନେକ ପ୍ରକଳ୍ପର ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ । ଏସବୁ ଭିତରେ ରହିଛି ପାରାଦୀପ ବିଶୋଧନାଗାରରେ ଇଣ୍ଡିଆନ୍ ଅଏଲ କର୍ପୋରେସନ ଲିମିଟେଡ ମନୋଇଥିଲିନ୍ ଗ୍ଲାଇକୋଲ ପ୍ରକଳ୍ପର ଉଦଘାଟନ କରିବେ । ୧୬୨ କିଲୋମିଟର ବାଂଶପାଣି-ଦୈତାରୀ-ଟମକା-ଯଖପୁରା ରେଳ ଲାଇନ ଦୋହରୀକରଣର ଉଦ୍ଘାଟନ । କେନ୍ଦୁଝରଗଡ଼ ମାର୍ଗ ଦେଇ ପୁରୀ ଏବଂ ଆନନ୍ଦ ବିହାର ମଧ୍ୟରେ ନୂଆ ଟ୍ରେନ୍ କେନ୍ଦୁଝରଗଡ଼ ରେଳ ଷ୍ଟେସନରୁ ଶୁଭାରମ୍ଭ । କେନ୍ଦ୍ରାପଡ଼ା ଜିଲ୍ଲା ଦେଇ ହରିଦାସପୁର-ପାରାଦୀପ ରେଳପଥରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳର ଶୁଭାରମ୍ଭ । ଯାଜପୁର ଠାରୁ ଉତ୍ତରପ୍ରଦେଶର ▶▶ପୃଷ୍ଠା ୭

## ସରିଲା ମାଟ୍ରିକ୍ ପରୀକ୍ଷା: ରେଜଲ୍ଟକୁ ଅପେକ୍ଷା

କଟକ, ୦୪/୩ (ନି.ପ୍ର): ଶେଷ ହେଲା ଚଳିତବର୍ଷ ମାଟ୍ରିକ ପରୀକ୍ଷା। ଶେଷ ଦିନରେ ସାମାଜିକ ବିଜ୍ଞାନ ପରୀକ୍ଷା ଶାନ୍ତି ଶୃଙ୍ଖଳାରେ ସରିଛି। ନିର୍ଦ୍ଧାରିତ ସମୟରେ ପରୀକ୍ଷା ଆରମ୍ଭ ହୋଇ ଶେଷ ହୋଇଛି। ପରୀକ୍ଷା ସରିବା ପରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆନନ୍ଦ ଓ ଖୁସି ପରିଲକ୍ଷିତ ହୋଇଥିଲା। ଏବେ ରେଜଲ୍ଟକୁ ଅପେକ୍ଷା କରାଯାଇଛି। ଚଳିତବର୍ଷ ବୋର୍ଡ ପରୀକ୍ଷା ସମୟରେ ଆକ୍ସନ୍ ମୁଡ଼କୁ ଆସିଥିଲେ ବୋର୍ଡ କର୍ତ୍ତୃପକ୍ଷ। ପରୀକ୍ଷାରେ ବିଶୃଙ୍ଖଳା କିମ୍ବା ଅନିୟମିତତାକୁ ଅତି ଗୁରୁତ୍ୱର ଭାବରେ ନେଇଥିଲେ। କପି ରୋକିବା ହେଉ କିମ୍ବା ପ୍ରଶ୍ନପତ୍ର ଭାଇରାଲ ହେଉ, ସବୁଥିରେ ନୂଆ ଟେକ୍ନୋଲୋଜି ବ୍ୟବହାର କରି ପରୀକ୍ଷା ପ୍ରକ୍ରିୟାକୁ ପରିଚାଳନା କରାଯାଇଥିଲା। ଏଥିପାଇଁ ଆର୍ଟିଫିସିଆଲ ଇଣ୍ଟେଲଜେନ୍ସ (ଇଓ)ର ସହାୟତା ନେଇଥିଲେ ବୋର୍ଡ କର୍ତ୍ତୃପକ୍ଷ। ଗତ ମାସ ୨୦ ତାରିଖରୁ ଆରମ୍ଭ ହୋଇଥିଲା ମାଟ୍ରିକ ପରୀକ୍ଷା। ରାଜ୍ୟରେ ୨୯୯୧ଟି ସେଣ୍ଟରରେ ସାଢେ ପାଞ୍ଚ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। କାଁ ଭାଁ ବିଶୃଙ୍ଖଳାକୁ ଛାଡ଼ିଦେଲେ ମାଟ୍ରିକ୍ ପରୀକ୍ଷା ପ୍ରାୟତଃ ଶାନ୍ତିଶୃଙ୍ଖଳାରେ ସମାପ୍ତ ହୋଇଛି।

## ଭିଜିଲାନ୍ସ ଜାଲରେ ଅମିନ



ବଲାଙ୍ଗିର, ୦୪/୩ (ନି.ପ୍ର): ପାଞ୍ଚ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବଲାଙ୍ଗିର ଜିଲ୍ଲା ଆଗଲପୁର ତହସିଲ ଅଫିସର ସେଟେଲମେଣ୍ଟ ଅମିନ ସଦାନନ୍ଦ ସାହୁ। ଏକ ନାମଜାରି (ମ୍ୟୁଟେସନ) ମାମଲାରେ ଆରଓର (ଜମି ପଟ୍ଟା) ଦେବା ପାଇଁ ଡୁଡୁକା ଗାଁର ରବୀନ୍ଦ୍ର ପଟେଲଙ୍କୁ ଅମିନ ସଦାନନ୍ଦ ପାଞ୍ଚ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ରବୀନ୍ଦ୍ର ପଟେଲ ବଲାଙ୍ଗିର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ଯୋଜନା ମୁତାବକ ଆଜି ଅଫିସରେ ଅମିନ ସଦାନନ୍ଦ ସାହୁ ପାଞ୍ଚ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଧରିଥିଲେ। ତାଙ୍କ ଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଏହି ଘଟଣାରେ ଭିଜିଲାନ୍ସ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଗତ ମାସ ୨୧ ତାରିଖରେ ମୁରିବାହାଲ ତହସିଲର ଅମିନ ୧୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ।

## କଟକରେ ମହିଳାଙ୍କୁ ଛୁରା ଭୁଷି ହତ୍ୟା

କଟକ, ୦୪/୩ (ନି.ପ୍ର): ମହିଳାଙ୍କୁ ଛୁରା ଭୁଷି ହତ୍ୟା। ଆଜି ସନ୍ଧ୍ୟା ବେଳେ ଏପରି ବୀଭତ୍ସ ହତ୍ୟାକାଣ୍ଡ କଟକ ଟାଉନର ସିଆରଆରଆଇ ଥାନା ଅଞ୍ଚଳରେ ଘଟିଛି। ପୂର୍ବ ଶତ୍ରୁତାରୁ ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ପୁଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି। ତେବେ ହତ୍ୟା ଅଭିଯୁକ୍ତ ଫେରାର ହୋଇଯାଇଛି। ଆଜି ସନ୍ଧ୍ୟା ବେଳେ ନେହରୁପଲ୍ଲୀରେ ଭାରତୀ ସାହୁଙ୍କ ସହିତ ଜଣେ ଯୁବକଙ୍କ ଯୁକ୍ତିତର୍କ ହେଉଥିଲା। ଧୀରେ ଧୀରେ ଯୁକ୍ତିତର୍କ ବଢ଼ିଥିଲା। ପରବର୍ତ୍ତୀ ସମୟରେ ଭାରତୀଙ୍କୁ ସମ୍ପୃକ୍ତ ଯୁବକ ଛୁରା ମାଡ଼ କରିଥିଲା। ଭାରତୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକ ସେଠାକୁ ଧାଇଁ ଆସିଥିଲେ। ଆକ୍ରମଣ କରିଥିବା ଯୁବକ ଚମ୍ପଟ ମାରିଥିବା ବେଳେ ସ୍ଥାନୀୟ ଲୋକେ ଭାରତୀଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ବଡ଼ ମେଡ଼ିକାଲ୍ ?ରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୂର୍ବ ଶତ୍ରୁତାରୁ ଆକ୍ରମଣ ହୋଇଥିବା ସନ୍ଦେହ ହେଉଛି। ମିଳିଥିବା ସୂଚନା ଅନୁସାରେ ଆକ୍ରମଣ କରିଥିବା ଯୁବକଙ୍କ ବିରୋଧରେ ସିଆରଆରଆଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଭାରତୀ। ▶▶ପୃଷ୍ଠା ୭

## ଶ୍ରୀମନ୍ଦିରରେ ବାଂଲାଦେଶୀ ପଶିଲା ପରେ ଚେତିଲା ପ୍ରଶାସନ



ପୁରୀ, ୦୪/୩ (ନି.ପ୍ର): ଶ୍ରୀମନ୍ଦିର ଭିତରେ କୌଣସି ଅଣହିନ୍ଦୁ ପ୍ରବେଶ କରିପାରିବେ ନାହିଁ। ଏହା ସତ୍ତ୍ୱେ ଅଣହିନ୍ଦୁ ମାନେ ଶ୍ରୀମନ୍ଦିର ଭିତରେ ପଶିଗଲେ। ଏହାକୁ ନେଇ ହୋ-ହଲ୍ଲା ହେବା ପରେ ଚେତିଛି ଶ୍ରୀମନ୍ଦିର ପ୍ରଶାସନ। ଯାଞ୍ଚକୁ କଡ଼ାକଡ଼ି କରିଛି। ଏଥିସହ ଏସି କରିଡ଼ରଠୁ ସବୁ ଚେକିଂ ପଏଣ୍ଟ ଓ ମନ୍ଦିର ପ୍ରବେଶ ଦ୍ୱାରରେ 'କେବଳ ହିନ୍ଦୁଙ୍କୁ ପ୍ରବେଶ ଅନୁମତି' ନେଇ ବଡ଼ ବଡ଼ ସାନ୍ ବୋର୍ଡ ଲେଖିବା ପାଇଁ ନିଷ୍ପତ୍ତି ନେଇଛି। ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ପଶିଲେ ୪ ଜଣ ବାଂଲାଦେଶୀ। ସେମାନେ ଗର୍ଭଗୃହକୁ ଯାଇ ଜଗା ଦର୍ଶନ କରିବା ସହିତ ଆନନ୍ଦ ବଜାରରୁ ଅବଢ଼ା ଧରି ଫେରୁଥିଲେ। ରବିବାର ସନ୍ଧ୍ୟା ବେଳେ ଏ ଘଟଣା ଖାଲି ଯେ ଜଗନ୍ନାଥ ପ୍ରେମୀଙ୍କ ମନକୁ ଆଘାତ ଦେଇଛି ତା'ନୁହେଁ, ଶ୍ରୀମନ୍ଦିର ସୁରକ୍ଷା ପ୍ରତି ମଧ୍ୟ ଲଗାଇଛି ବିରାଟ ପ୍ରଶ୍ନ ଚିହ୍ନ? କିଛି ସେବାୟତ ଏହି ଅଣହିନ୍ଦୁମାନଙ୍କୁ ଦେଖି ହଲ୍ଲାପଟ୍ଟା କରିବା ପରେ ତୁରନ୍ତ ସେମାନଙ୍କୁ ସିଂହଦ୍ୱାର ଥାନାକୁ ନେଇଯାଇଥିଲେ। ତା'ପରେ ସେମାନଙ୍କୁ ଯାଞ୍ଚ କରାଯାଇଥିଲା। ପୁରୀ ଏସପି ପିନାକ ମିଶ୍ର କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନର ଏତଲା ଆଧାରରେ ମନ୍ଦିର ଭିତରକୁ ଯାଇଥିବା ୪ ଜଣ ଓ ପରିକ୍ରମା ମାର୍ଗରେ ବୁଲୁଥିବା ସେମାନଙ୍କ ସାଙ୍ଗରେ ଆସିଥିବା ସାଥୀଙ୍କୁ ମିଶାଇ ମୋଟ୍ ୯ଜଣଙ୍କ ପାସପୋର୍ଟ ସିଜ୍ କରାଯାଇଛି। ତା'ର ଅବଧୀ ଓ ବୈଧତା ଯାଞ୍ଚ ଚାଲିଛି। କେଉଁ ଉଦ୍ଦେଶ୍ୟ ନେଇ ସେମାନେ ଓଡ଼ିଶା ଆସିଥିଲେ? ପୂର୍ବରୁ ଭାରତର ଅନ୍ୟ କେଉଁ କେଉଁ ସ୍ଥାନକୁ ଯାଇଥିଲେ କି? ଆଗରୁ କେତେଥର ଭାରତ ଆସିଥିଲେ? ସେ ସବୁ ଦିଗକୁ ଗୁରୁତର ସହ ନେଇ ଖୋଳତାଡ଼ ଚଳାଇଛି ବୋଲି ଏସ୍‌ପି କହିଛନ୍ତି। "ଜଗନ୍ନାଥ ମନ୍ଦିରକୁ କେବଳ ହିନ୍ଦୁମାନେ ଯାଇ ପାରିବେ। ▶▶ପୃଷ୍ଠା ୭

## ଅଭୟାରଣ୍ୟକୁ ପ୍ଲାଷ୍ଟିକ୍ ମନା

ଭୁବନେଶ୍ୱର, ୦୪/୩ (ନି.ପ୍ର): ରାଜ୍ୟର ସମସ୍ତ ଅଭୟାରଣ୍ୟକୁ ସିଙ୍ଗଲ ୟୁଜ୍ ପଲିଥିନ୍ ଓ ପ୍ଲାଷ୍ଟିକ୍ ମନା। ଯଦି କୌଣସି ପର୍ଯ୍ୟଟକ ଲୁଚାଇ ଛପାଇ ନେଇ ଧରାପଡ଼ନ୍ତି, ତାହାହେଲେ ୩ ବର୍ଷ ଜେଲ ଓ ଜରିମାନା କରାଯିବ। ବନ୍ୟପ୍ରାଣୀ ପିସିସିଏଫ୍ ଆଜି ଏପରି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି କଟକଣା ଏପ୍ରିଲ ପହିଲାରୁ ଲାଗୁ କରାଯିବ। ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କ କହିବା ଅନୁସାରେ ସିଙ୍ଗଲ ୟୁଜ ପଲିଥିନ୍ ଓ ପ୍ଲାଷ୍ଟିକ୍ ବୋତଲ ବ୍ୟବହାର ଯୋଗୁ ପରିବେଶ ଉପରେ ତା'ର କୁପ୍ରଭାବ ପଡୁଛି। ଅନ୍ୟପକ୍ଷରେ ସେହି ସବୁ ସାମଗ୍ରୀକୁ ବନ୍ୟ ଜୀବଜନ୍ତୁମାନେ ଖାଇ ରୋଗାଗ୍ରସ୍ତ ହେଉଛନ୍ତି। ତେଣୁ ଏପ୍ରିଲ୍ ୧ ତାରିଖରୁ ଅଭୟାରଣ୍ୟ ପ୍ରବେଶ ପଥରେ ଚେକିଂ ବେଳେ ସିଙ୍ଗଲ ୟୁଜ ପଲିଥିନ୍ ଓ ▶▶ପୃଷ୍ଠା ୭

## ଅଷ୍ଟମ ସମନ ପରେ ଇଡିକୁ ଜବାବ ଦେଲେ କେଜ୍ରିୱାଲ: କହିଲେ ଜେରା ପାଇଁ ଏବେ ପ୍ରସ୍ତୁତ



ନୂଆଦିଲ୍ଲୀ, ୦୪/୩ : ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଅଷ୍ଟମ ସମନ ଉପରେ ଜବାବ ରଖିଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ। ଅଷ୍ଟମ ଡାକରାକୁ ବେଆଇନ ଦର୍ଶାଇ ଥିଲେ ବି ମାର୍ଚ୍ଚ ୧୨ ପରେ ତଦନ୍ତକାରୀ ସଂସ୍ଥାର ପ୍ରଶ୍ନର ସାମ୍ନା କରିବେ ବୋଲି କହିଛନ୍ତି କେଜ୍ରିୱାଲ। ଭିଡିଓ କନଫରେନ୍ସିଂ ଜରିଆରେ କେଜ୍ରିୱାଲ ଇଡି ପ୍ରଶ୍ନର ସାମ୍ନା କରିବେ ବୋଲି ଆପ୍ ପକ୍ଷରୁ କୁହାଯାଇଛି । ଫେବୃଆରୀ ୨୭ରେ ଇଡି ଅଷ୍ଟମ ଥର ପାଇଁ କେଜ୍ରିୱାଲଙ୍କୁ ସମନ ପଠାଇ ମାର୍ଚ୍ଚ ୪ରେ କାର୍ଯ୍ୟାଳୟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲା। କିନ୍ତୁ କେଜ୍ରିୱାଲ ଆଜି ଇଡି ଅଫିସ୍ ନ ଯାଇ, ଫେବୃଆରୀ ୧୨ ପରେ ସମସ୍ତ ପ୍ରଶ୍ନର ମୁକାବିଲା କରିବେ ବୋଲି କହିଛନ୍ତି। ପ୍ରକାଶ ଥାଉ କି, ଏହା ପୂର୍ବରୁ କେଜ୍ରିୱାଲଙ୍କୁ ଇଡି ସାତ ଥର ସମନ ପଠାଇ ସାରିଛି। ଏ ସମସ୍ତ ସମନକୁ ବେଆଇନ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଦର୍ଶାଇ ଇଡି ଅଫିସରେ ହାଜର ହେଉନଥିଲେ କେଜ୍ରିୱାଲ। ଫଳରେ ଷଷ୍ଠ ସମନ ପରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ଇଡି। ସେତେବେଳେ ବିଧାନସଭା ଅଧିବେଶନ ଚାଲିଥିବାରୁ ଭିଡିଓ କନଫରେନ୍ସିଂ ଜରିଆରେ ଅଦାଲତଙ୍କ ପ୍ରଶ୍ନର ସାମ୍ନା କରିଥିଲେ କେଜ୍ରିୱାଲ। ଏ ଉପରେ ଆସନ୍ତା ମାର୍ଚ୍ଚରେ ଶୁଣାଣି କରାଯିବ। ଏହାରି ମଧ୍ୟରେ ଇଡି କେଜ୍ରିୱାଲଙ୍କୁ ଆଉ ଦୁଇ ଥର ସମନ ପଠାଇ ସାରିଛି। ଫଳରେ ଆପ୍ କହିଥିଲା, ମାମଲା କୋର୍ଟରେ ବିଚାରଧୀନ ଥିବାରୁ ଇଡି ଅଯଥା ସମନ ନ ପଠାଇ ଅଦାଲତଙ୍କ ନିଷ୍ପତ୍ତିକୁ ଅପେକ୍ଷା କରୁ। ତେବେ କୋର୍ଟରେ ଶୁଣାଣି ପୂର୍ବରୁ ଇଡିର ଅଷ୍ଟମ ସମନ ଉପରେ ଜବାବ ରଖିଛନ୍ତି କେଜ୍ରିୱାଲ। ସେ ମାର୍ଚ୍ଚ ୧୨ରେ ଭିଡିଓ କନଫରେନ୍ସି ଜରିଆରେ ଇଡିରେ ▶▶ପୃଷ୍ଠା ୭



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ............

ବାଲେଶ୍ୱର ■ ମଙ୍ଗଳବାର ୦୫ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 05 MARCH 2024

Vol.No. 35 ■ No.64 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

website : www.dhwanipratidhwani.net

email: pratidhwani.dhwani@gmail.com



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା



DSPL-782

ଆମ ଓଡ଼ିଶା ନବୀନ ଓଡ଼ିଶା





## ୫ ମାର୍ଚ୍ଚ ୨୦୨୪

## ପଞ୍ଚାୟତିରାଜ ତଥା ଲୋକସେବା ଦିବସ

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ୧୦୮ତମ ଜନ୍ମବାର୍ଷିକୀ

## ସଶକ୍ତ ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ

## ସୁଦୃଢ଼ ଓଡ଼ିଶା ନିର୍ମାଣ

- ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ବାଲସଭା ଓ ମହିଳାସଭା ସମ୍ପର୍କିତ ମାର୍ଗଦର୍ଶିକା ଉନ୍ମୋଚନ ।
- ପଞ୍ଚାୟତ ପ୍ରକଳ୍ପ ପରିଚାଳନା ବ୍ୟବସ୍ଥାର (Panchayat Project Management System) ସୁବନ୍ଦୋବସ୍ତ ପାଇଁ ଏକ ସଫ୍ଟୱେର (Software) ପ୍ରଥମ ଥର ପାଇଁ ଭୁବନେଶ୍ୱର ବ୍ଲକ୍‌ରେ ପରୀକ୍ଷାମୂଳକ ଭାବେ ବ୍ୟବହାର କରାଯିବ ଏବଂ ପର୍ଯ୍ୟାୟକ୍ରମେ ସମସ୍ତ ବ୍ଲକ୍‌ରେ କାର୍ଯ୍ୟକାରୀ କରାଯିବ ।
- ପଞ୍ଚାୟତିରାଜ ଦିବସରେ ୧୨ ଗୋଟି ଗ୍ରାମ ପଞ୍ଚାୟତକୁ ISO ପ୍ରମାଣପତ୍ର ଆବଣ୍ଟନ କରିବା ପାଇଁ LMS & Universal Certification Agency ସମ୍ମତି ଜଣାଇଛନ୍ତି ।
- ଇ-ପଞ୍ଚାୟତ ସଭା ମୋବାଇଲ୍ ଆପ୍ ଲୋକାର୍ପଣ । ଏହା ଦ୍ୱାରା ସମସ୍ତ ଗ୍ରାମ ପଞ୍ଚାୟତର ମାସିକ ପଞ୍ଚାୟତ ସଭା ଓ ସମ୍ପର୍କିତ ବିବରଣୀ ହିତାଧିକାରୀମାନଙ୍କ ପାଇଁ ଉପଲବ୍ଧ ହେବ ।
- ତାଲିମ ପରିଚାଳନା ପୋର୍ଟାଲ ଲୋକାର୍ପଣ । ଏହି ପୋର୍ଟାଲ ଦ୍ୱାରା ସମସ୍ତ ନିର୍ବାଚିତ ପ୍ରତିନିଧି ଏବଂ ଅନ୍ୟାନ୍ୟ ଅଧିକାରୀମାନଙ୍କ ପାଇଁ ସମସ୍ତ ତଥ୍ୟ ଅତି ସଂକ୍ଷେପରେ ଉପଲବ୍ଧ ହେବ ।
- ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ପରିସରରେ ଆବାସିକ ଛାତ୍ରାବାସ ଓ ଭୋଜନ କକ୍ଷର ଭିତ୍ତିପ୍ରସ୍ତର ସ୍ଥାପନ ।
- ପ୍ରଶାସନିକ ଗୃହ, ଓରମାସ୍‌ର ଭିତ୍ତିପ୍ରସ୍ତର ସ୍ଥାପନ (ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ପରିସର ମଧ୍ୟରେ) ।
- ମାଲକାନଗିରି, ଗଞ୍ଜାମ ଓ କୋରାପୁଟ ଜିଲ୍ଲା ପରିଷଦକୁ ସାମଗ୍ରିକ ପ୍ରଦର୍ଶନ ପାଇଁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ସମ୍ମାନିତ କରାଯିବ ।
- ମାଲକାନଗିରି ଜିଲ୍ଲାର ପଡିଆ, ଗଞ୍ଜାମ ଜିଲ୍ଲାର ହିଞ୍ଜିଳିକାଟୁ ଓ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ପଞ୍ଚାୟତ ସମିତିକୁ ସାମଗ୍ରିକ ପ୍ରଦର୍ଶନ ପାଇଁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ସମ୍ମାନିତ କରାଯିବ ।
- ସାମଗ୍ରିକ ପ୍ରଦର୍ଶନ ପାଇଁ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍‌ର ମାଥିଲି ପଞ୍ଚାୟତକୁ ପ୍ରଥମ, ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକ୍‌ର ମହୁପଦର ପଞ୍ଚାୟତକୁ ଦ୍ୱିତୀୟ ଓ ମୟୁରଭଞ୍ଜ ଜିଲ୍ଲା ବଡସାହି ବ୍ଲକ୍‌ର ମାଣିତ୍ରୀ ପଞ୍ଚାୟତକୁ ତୃତୀୟ ଭାବେ ସମ୍ମାନିତ କରାଯିବ ।




OIPR: 19001/13/0094/2324

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୫ ମାର୍ଚ୍ଚ ୨୦୨୪, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଟେଲିଭିଜନ ଓ ମନୋରଞ୍ଜନ ଶିଳ୍ପ...

ଭାରତୀୟ ଟେଲିଭିଜନ ଓ ମନୋରଞ୍ଜନ ଶିଳ୍ପର ତିନି ପ୍ରମୁଖ ସଦସ୍ୟ 'ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍', ଏହାର ପରିଚାଳନାଧୀନ 'ଭାୟାକମ ୧୮ ମିଡିଆ' ଓ ଯୁକ୍ତରାଷ୍ଟ୍ର ଆମେରିକାଭିତ୍ତିକ 'ଦି ୱାଲଟ୍ ଡିସ୍‌ନି କର୍ପୋରେସନ' ୨୮ ଫେବୃୟାରୀ ୨୦୨୪ରେ ବ୍ୟବସାୟ ମିଶ୍ରଣ ନିମନ୍ତେ ଚୁକ୍ତି କରିଥିବା ଘୋଷଣା ହୋଇଛି। ୨୦୨୩ର ଆୟ ବିଚାରକୁ ନେଲେ ରିଲାଏନ୍ସ ଓ ଡିସ୍‌ନିର ଆୟ ପ୍ରାୟ ୨୩, ୩୨୧ କୋଟି ଟଙ୍କା। 'ବିଜିନେସ ଷ୍ଟାଣ୍ଡାର୍ଡ'ର ତଥ୍ୟ ଅନୁଯାୟୀ, ଭାରତୀୟ ଗଣମାଧ୍ୟମରେ ଏହି ଦୁଇ କମ୍ପାନୀର ମିଳିତ ରାଜସ୍ୱ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଗତବର୍ଷ ରାଜସ୍ୱ ଆଦାୟରେ 'ଗୁଗୁଲ ଇଣ୍ଡିଆ' ୨୮, ୦୪୦ ଟଙ୍କା ସହ ପ୍ରଥମ ସ୍ଥାନରେ ଥିବା ବେଳେ ତୃତୀୟ ସ୍ଥାନରେ ଥିବା ମେଟା ୧୮, ୩୦୮ କୋଟି ଟଙ୍କା ରାଜସ୍ୱ ପାଇଥିଲା। ଫେବୃୟାରୀ ୨୦୨୪ର ଚୁକ୍ତି ଅନୁଯାୟୀ, ରିଲାଏନ୍ସ ଓ ଡିସ୍‌ନିର ମିଶ୍ରଣ ସୁଚାରୁ ରୂପେ କାର୍ଯ୍ୟକାରୀ ହେଲେ ସର୍ବବୃହତ ଟେଲିଭିଜନ ପ୍ରତିଷ୍ଠାନର ମାନ୍ୟତା ଲାଭ କରିବ। କରୋନା ମହାମାରୀ ପରବର୍ତ୍ତୀ ପରିବେଶରେ ମାନ୍ଦା ବ୍ୟବସାୟକୁ ଦୃଷ୍ଟିରେ ରଖି ଗଣମାଧ୍ୟମ ମଞ୍ଚଗୁଡ଼ିକର ମିଶ୍ରଣ ଅବଶ୍ୟମ୍ଭାବୀ। ଏକପକ୍ଷରେ ଟେଲିଭିଜନ ମଞ୍ଚରେ ବିଜ୍ଞାପନ ରାଜସ୍ୱ କ୍ରମାଗତଭାବେ କମି ଚାଲିଥିବା ତଥା ଭବିଷ୍ୟତରେ ମଧ୍ୟ ଅନୁରୂପ ଧାରା ବଳବତ୍ତର ରହିବା ଆକଳନ କରାଯାଉଥିବା ବେଳେ ଅପରପକ୍ଷରେ ଡିଜିଟାଲ ମଞ୍ଚର ବିକାଶ ନିମନ୍ତେ ଅର୍ଥ ଆବଶ୍ୟକ ପଡୁଛି। ଏହି ଗୋଲକଧନ୍ଦାରୁ ମୁକ୍ତି ପାଇବା ନିମନ୍ତେ ଗଣମାଧ୍ୟମ ମଞ୍ଚଗୁଡ଼ିକ ମିଶ୍ରଣକୁ ଗୁରୁତ୍ୱ ଦେଉଛନ୍ତି। ଆଲୋଚ୍ୟ ଚୁକ୍ତି ଘୋଷଣା ପୂର୍ବରୁ ଜାପାନର ସୋନୀ କର୍ପୋରେସନ ଓ ଜୀ ଏଣ୍ଟରଟେନମେଣ୍ଟ ଏଣ୍ଟରପ୍ରାଇଜ ମିଶ୍ରଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଥିଲା। ତେବେ ବ୍ୟବସାୟ ପରିଚାଳନା ମତଭେଦ ହେତୁ ସେଥିରେ ଅଗ୍ରଗତି ଘଟି ନଥିଲା। ରିଲାଏନ୍ସ-ଡିସନି ବୁଝାମଣା ଅନୁଯାୟୀ ମିଶ୍ରଣ ପରେ 'ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍'ର ୧୬.୩୪ ପ୍ରତିଶତ, ରିଲାଏନ୍ସ ପରିଚାଳନାଧୀନ 'ଭାୟାକମ୧୮'ର ୪୬.୮୨ ପ୍ରତିଶତ ଏବଂ 'ଡିସନି'ର ୩୬.୮୪ ପ୍ରତିଶତ ଅଂଶଧନ ରହିବ। ରିଲାଏନ୍ସର 'ନେଟୱାର୍କ୧୮', 'ଭାୟାକମ୧୮' ଓ 'ଡିସନି' ମିଶ୍ରଣରେ କଲର୍ସ, ଷ୍ଟାରପ୍ଲସ, ଷ୍ଟାର ଗୋଲଡ୍ ? ? ଭଳି ମନୋରଞ୍ଜନ ତଥା ଷ୍ଟାର ସ୍ପୋର୍ଟ୍ସ, ସ୍ପୋର୍ଟ୍ସ୧୮ ଭଳି କ୍ରୀଡ଼ା ଚ୍ୟାନେଲ ସାଙ୍ଗକୁ ଜିଓ ସିନେମା ଓ ଡିସନି-ହଟଷ୍ଟାର ଭଳି ଷ୍ଟ୍ରିମିଂ ମଞ୍ଚ ଏକତ୍ର ପରିଚାଳିତ ହେବ। ମିଳିତଭାବେ ଭାରତରେ ପ୍ରାୟ ୭୫ କୋଟି ଉପଭୋକ୍ତାଙ୍କ ନିକଟରେ ପହଞ୍ଚି ପାରିବ। ରିଲାଏନ୍ସ-ଡିସନି ମିଶ୍ରଣକୁ ପ୍ରାୟ ସତୁରି ହଜାର କୋଟି ଟଙ୍କା ମୂଲ୍ୟାୟନ କରାଯାଉଛି। ରିଲାଏନ୍ସ ପକ୍ଷରୁ କୁହାଯାଇଛି ଯେ ରିଲାଏନ୍ସ-ଡିସନିର ମିଶ୍ରଣ ପରେ ଉଦୟ ଶଙ୍କର ଉପସଭାପତି ରୂପେ ଅବସ୍ଥାପିତ ହୋଇ କାର୍ଯ୍ୟଭାର ତୁଲାଇବେ। ରିଲାଏନ୍ସ ଇଣ୍ଡାଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଆମ୍ବାନୀଙ୍କ ପତ୍ନୀ ନୀତା ଆମ୍ବାନୀ ଅଧ୍ୟକ୍ଷ ପଦରେ ରହିବେ। ଭାରତୀୟ ଟେଲିଭିଜନ ଇତିହାସ ପୃଷ୍ଠାରେ ଉଦୟ ଶଙ୍କର ଏକ ଚର୍ଚ୍ଚିତ ନାମ। ସେ 'ଷ୍ଟାର ଇଣ୍ଡିଆ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ୨୦୦୭ରୁ ୨୦୨୦ ଯାଏଁ କାର୍ଯ୍ୟ କରିଥିଲେ। କୁହାଯାଏ ଯେ ୨୦୦୭ରେ ଷ୍ଟାର ଇଣ୍ଡିଆର ଆୟ ୧, ୬୦୦ କୋଟି ଟଙ୍କା ଥିବା ବେଳେ ୨୦୧୮ରେ ୧୮, ୦୦୦ କୋଟି ଟଙ୍କାରେ ପହଞ୍ଚିଥିଲା। ଏହାର ଶ୍ରେୟ ଉଦୟ ଶଙ୍କରଙ୍କ ପରିଚାଳନା ଚାତୁର୍ଯ୍ୟକୁ ଯାଏ। ଉଦୟ ଶଙ୍କର ୨୦୨୪ରେ ୬୧ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ଦେଶର ଦ୍ୱିତୀୟ ବୃହତ ଗଣମାଧ୍ୟମ ସଂସ୍ଥାକୁ ସେ କିପରି ଚଳାଇବେ ତାହା ସମୟ କହିବ। ତେବେ ରିଲାଏନ୍ସ ମାଲିକାନାରେ ମହାମାରୀ ପରବର୍ତ୍ତୀ ପରିବେଶରେ ଡିଜିଟାଲ ମଞ୍ଚର ଆଦର ବଢୁଥିବା ଏବଂ ଟେଲିଭିଜନ ବିଜ୍ଞାପନ ଆୟ ଶିଥିଳ ପଡ଼ିଆସୁଥିବା ଅର୍ଥନୀତି ପ୍ରତି ଗଣମାଧ୍ୟମ ସମୀକ୍ଷକମାନେ ତୀକ୍ଷ୍ଣ ଦୃଷ୍ଟି ରଖିବେ। କେତେକ ଆଶା କରୁଛନ୍ତି ରିଲାଏନ୍ସ ଡିଜିଟାଲ ମଞ୍ଚ ପ୍ରତି ଗୁରୁତ୍ୱାରୋପ କରିବ। କୃତ୍ରିମ ବୁଦ୍ଧିମତ୍ତା ଭଳି ପ୍ରଯୁକ୍ତି କୌଶଳ ଉପଯୋଗରେ ଦର୍ଶକଙ୍କ ରୁଚିକୈନ୍ଦ୍ରିକ ପ୍ରଦର୍ଶନ ପ୍ରତି ଧ୍ୟାନ ଦିଆଯିବ। ବିଜ୍ଞାପନ ବଦଳରେ ଗ୍ରାହକ ଦେୟ ରାଜସ୍ୱର ମୁଖ୍ୟ ସୂତ୍ର ପାଲଟିବ। ଟେଲିଭିଜନ ଦର୍ଶକମାନଙ୍କ ରୁଚି କ୍ରମଶଃ ବଦଳିବାରେ ଲାଗିଛି। ଅଧିକ ସଂଖ୍ୟକ ସ୍ମାର୍ଟ ଟେଲିଭିଜନ ବ୍ୟବହାର ପରେ ଓଟିଟି ମଞ୍ଚର ଆଦର ବଢ଼ିଛି। ରିଲାଏନ୍ସ ହାତରେ ଜିଓ ସିନେମା ଓ ଡିସନି-ହଟଷ୍ଟାର ଭଳି ଆପ ଥିବା ହେତୁ ସେହି ମଞ୍ଚଗୁଡ଼ିକର ଗୁଣାତ୍ମକ ଅଭିବୃଦ୍ଧି ପ୍ରାଧାନ୍ୟ ପାଇପାରେ। ଆଲୋଚ୍ୟ ମିଶ୍ରଣରେ ରିଲାଏନ୍ସର ୫୮ ଗୋଟି ଚ୍ୟାନେଲ ସହ ଡିସନିର ଷ୍ଟାର ପ୍ଲସ ସହ ୭୦ ଗୋଟି ଚ୍ୟାନେଲ ସାମିଲ ହେବେ। ଏହାର ଦର୍ଶକ ସଂଖ୍ୟା ସମଗ୍ର ଦେଶର ମୋଟ ଟେଲିଭିଜନ ଦର୍ଶକ ସଂଖ୍ୟାରେ ୩୨ ପ୍ରତିଶତ ଯାଏଁ ସମ୍ପ୍ରସାରିତ ହେବ। ବ୍ୟାବସାୟିକ ଦିଗରୁ ଗଣମାଧ୍ୟମ ମଞ୍ଚଗୁଡ଼ିକର ଏକତ୍ରୀକରଣ ବାଧ୍ୟବାଧକତାରେ ପରିଣତ ହୋଇଥିବା ବେଳେ ଏହି ବ୍ୟବସ୍ଥା ଗଣତନ୍ତ୍ର ପ୍ରତି ବିପଦର କାରଣ ରୂପେ ବିଚାର କରାଯାଏ। ଏକକ ମାଲିକାନା ଗଣମାଧ୍ୟମ ସ୍ୱାଧୀନତାର ପରିପନ୍ଥୀ। ବିବିଧତା ଗଣତନ୍ତ୍ରକୁ ପରିପୁଷ୍ଟ କରିଥାଏ। କିନ୍ତୁ ଏକତ୍ରୀକରଣ ଧ୍ରୁବୀକରଣ ଦିଗରେ ଗତି କରିପାରେ। ଆଲୋଚ୍ୟ ଯୌଥ ଉଦ୍ୟୋଗରେ ରିଲାଏନ୍ସ ୧୧, ୫୦୦ କୋଟି ଟଙ୍କା ନିବେଶ କରିବା ସୂଚିତ ହୋଇଛି। ଏତେ ପରିମାଣର ଆର୍ଥିକ କ୍ଷମତା ପ୍ରତିଯୋଗୀ ଚ୍ୟାନେଲଗୁଡ଼ିକ ନିମନ୍ତେ ବ୍ୟବସାୟରେ ବିଘଟନର କାରଣ ପାଲଟିପାରେ।

## ଗାନ୍ଧୀବାଦର ପରିବର୍ତ୍ତନ ସମୟ ଆଗତ କି ?

**ଅଜୟ କୁମାର ବେହେରା**

ଭାରତ ବର୍ଷରେ ଗାନ୍ଧୀ ଏକ ବ୍ୟକ୍ତିଙ୍କର ସଂଜ୍ଞା, ସାଙ୍ଗିଆ ଯାହା ନାମର ପଛକୁ ଯୋଡ଼ି ହୋଇ ଅନ୍ୟସବୁ ସାଙ୍ଗିଆ ପରି ରହିଛି। ହେଲେ ଏପରି ଗାନ୍ଧୀ କହିଲେ ମହାତ୍ମାଗାନ୍ଧୀଙ୍କୁ ବୁଝାଉଛି। ଭାରତ ସ୍ୱାଧୀନତା ପାଇଁ ଯେ ବ୍ରିଟିଶ ଶାସନ ଅବସାନ ପାଇଁ ଏକ ମତର ସ୍ଥାୟୀପଥ ପ୍ରଚାର କରି, ତତ୍କାଳ ଦେଶବାସୀଙ୍କୁ ତହିଁରେ ଉଦବୁଦ୍ଧକରି କାର୍ଯ୍ୟଟି ସାଧନ କରିଦେଇଥିଲେ। ତାଙ୍କର ଅହିଂସାର ଅସ୍ତ୍ର ଏକ ଶାକ୍ତିଶାଳୀ ମହାଅସ୍ତ୍ର। ଏହାକୁ ସମଗ୍ର ଦୁନିଆ ତତ୍କାଳ ଜାଣିପାରିଲେ। ଏହି ଅସ୍ତ୍ର ଆଗରେ ସବୁ ଯୁଦ୍ଧର କରାମତି ମନକୁ ମନ ରଦ୍ଧ ହୋଇଯାଇଥିଲା। ସେଥିଲେ ଆଇନଜ୍ଞ ଯେଉଁମାନେ ଆଇନ ଶାସ୍ତ୍ର ପ୍ରଣେତା ତତ୍କାଳ ଥିଲେ ଆଇନ ଯାହିର କରୁଥିଲେ। ସେହି ମାନଙ୍କର ଜାତି ବିରାଦର ଏ ଦେଶରେ ତତ୍କାଳ ବଣିକ ଓ ପ୍ରଶାସକ ସେମାନେ ଅଳ୍ପ ଲୋକରେ ଏ ଦେଶର ଲୋକଙ୍କୁ ବୋକା ବନାଇ ହୁକୁମ ଚଲାଇ ଆସୁଥିଲେ। ବଣିକରୁ ସେମାନେ ପ୍ରଶାସକ ସ୍ତରକୁ ଆସିଥିଲେ। କଣ କଲେ ଲୋକମାନଙ୍କ ମଧ୍ୟରେ ବିଭେଦ ନିଜ ନିଜ ମଧ୍ୟରେ ଲାଗିରହିବ ଓ ସେ ବିଲେଇଙ୍କ ପିଠାକଳି ମାଙ୍କଡ଼ ସମାଧାନ କରିବା ନ୍ୟାୟରେ ଏ ଦେଶକୁ ଲୋକଙ୍କୁ ଲୋକଧନ, ଲୋକଙ୍କର ଏକତା ଶକ୍ତିକୁ ଲୁଟୁଥିଲେ। ପ୍ରତି ମନୁଷ୍ୟର କେତକ ମୌଳିକ ଅଧିକାର ଅଛି। ମୌଳିକ କେତେ ଦ୍ରବ୍ୟ, କେତେ ସମୟ, କେତେ ବ୍ୟବହାର ଦ୍ରବ୍ୟ ଆବଶ୍ୟକ ଅଛି। ମୌଳିକ ଦରକାରୀ ବସ୍ତୁ ନହେଲେ କେହି ଚଳିବା ସମ୍ଭବ ନୁହଁ ତେବେ ରାଜତଣ୍ଡ, ରାଜଦଣ୍ଡ, ରାଜଭୟ, ଲଗାଇ ସେ ଦ୍ରବ୍ୟରୁ ଯଦି ଫାଇଦା ମୁଷ୍ଟିମେୟ ଉଠାଇ ଚାଲନ୍ତି ତେବେ ବାଧ୍ୟ ହୋଇ ଲୋକେ କପାଳରେ ସିନା ହାତ ମାରିବେ ତେବେ କିଏ ଶୁଣିବ ଏହି ଦରଦ ଗାନ୍ଧିଜୀଙ୍କୁ ଏ ଆହ୍ୱାନ ଜଣାଯାଇଥିଲା। ସେ ଦେଶଜନତାଙ୍କ ଦରଦୀ ବୁଝି ଅସହଯୋଗ ଆନ୍ଦୋଳନ ଅହିଂସା ମାର୍ଗରେ ବିଦେଶୀ ଦ୍ରବ୍ୟ ବର୍ଜନ ପରି ପର୍ଯ୍ୟାୟ ପର୍ଯ୍ୟାୟସ୍ତର ମାନ ଆଗକୁ ଆଗ ଯୋଡ଼ି, ବିଦେଶୀ ବଣିକ ପ୍ରଶାସକଙ୍କୁ ଅସ୍ତବ୍ୟସ୍ତ କରିଥିଲେ, ହେଲେ ସେ ପ୍ରଶାସନର ଦଣ୍ଡନୀତିରେ ଗାନ୍ଧୀଙ୍କ ମାର୍ଗରେ ଯେ ଗଲା ସେ ପଡ଼ିଲା ଶରୀର କଷ୍ଟ, ଭୋଜନ କଷ୍ଟକୁ ରାଜଦଣ୍ଡରେ ଜେଲବାସ। ତଥାପି ଗାନ୍ଧିଜୀଙ୍କ ପ୍ରେରଣାରେ ଲୋକେ ଦଣ୍ଡ ଭୟକୁ ନ ଡରି ଆନ୍ଦୋଳନରେ ଝାମ୍ପି ଦେଇଥିଲେ। ଦେଶ ସ୍ୱାଧୀନତା ପ୍ରାପ୍ତି ବେଳକୁ ବିଦେଶୀ ଚକ୍ରାନ୍ତ ଦେଶରେ ଧର୍ମୀୟ ଦ୍ୱନ୍ଦ ଲଗାଇ ସ୍ଥାନ ବଣ୍ଟନ ପାଇଁ ଦଳେ ଲୋକଙ୍କୁ ଉସକାଇ ଦେଶ ବିଭାଜନ କରାଇ ଦେଲେ। ମନୁଷ୍ୟ ମନୁଷ୍ୟକୁ ମନୁଷ୍ୟ ନଭାବି ପଶୁ ପରି ବ୍ୟବହାର ଦେଖାଇବା ଓ ଧର୍ମ ଜାତି ନାମରେ ହୀନ ଲଗାଇ କଷ୍ଟ ଦେଖାଇବା ପ୍ରଥାଟି କେବେ ମାନବ ଧର୍ମ ନୁହେଁ ଏକଥାର ମର୍ମ ବିଦେଶୀ କଥାରେ କେତେକ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ବ୍ୟକ୍ତି କେନ୍ଦ୍ରିକ କଥାରେ ଭଳି ଯାଇ ତତ୍କାଳ ରକ୍ତପାତ ଧନ ଜନ କ୍ଷୟ ରଟାଇ ଦେଲେ। ଯାହା ହେଉ ଦେଶ ସ୍ୱାଧୀନ ହେଲା। ହେଲେ ମାଟି ପାଇଁ କଳହ ଗଲାନାହିଁ। ମାଟି ପ୍ରଶାସନ ପାଇଁ ପୁଣି କଂଗ୍ରେସ ପରି ଦଳ ଯାହା ଗାନ୍ଧୀଙ୍କ ଆଦର୍ଶ ଗ୍ରହଣ କରିଚାଲିଛି। ଦେଶ ପାଇଁ କିଛି କରିବା ଦ୍ୱାହି ଦେଇ ଶାସନକୁ ଆସିଛନ୍ତି ଏମିତି ହୋଇ ଚାଲିଛି। ସେହି କଂଗ୍ରେସ ଦଳରେ ବିଭାଜନ ହୋଇ ଚାଲିଛି। ପ୍ରଥମେ ଥିଲା ଯୋଡ଼ି ବଳଦ ଚିହ୍ନ, ତାପରେ ଗାଈବାଛୁରୀ ଚିହ୍ନ, ତାପରେ ହାତ ପାପୁଲି ଚିହ୍ନ ପୁଣି ଆଶ୍ଚର୍ଯ୍ୟ ଏକ ମନା ହୋଇ ନରହି ଦଳରେ ଅମାନିଆଁ ବଢ଼ି ବଢ଼ି ନୂଆ ନୂଆ ଗୋଷ୍ଠୀ ରାଜନୈତିକ ଦଳ ଗଢ଼ିବାରେ ଲାଗି ଯାଇଛନ୍ତି। ଜେଲି ମାଛର ବଂଶ ବିସ୍ତାର ପଦ୍ଧତି ପରି ଏକ ଦଳ ବେଳକୁ ବେଳ ଅନେକ ଦଳରେ ଏ ଦେଶ ସର୍ବ ଭାରତୀୟ ଓ ଆଞ୍ଚଳିକ ସ୍ତରରେ ହୋଇଗଲେଣି। ଯେଉଁ ରାଜନୈତିକ ଦଳ ସରକାରକୁ ଆସୁଛନ୍ତି ଦେଶର ପେନାଲ କୋର୍ଡ଼ ଉପରେ ଧାର୍ଯ୍ୟ କାନୁନ ଗୁଡ଼ିକୁ ଠିକ ଭାବରେ ପୋଲିସକୁ କରାଇ ନଦେଇ ମୂଳ ଘଟଣାର ରୂପରେଖକୁ ଅପରାଧିକୁ ସୁହାଇଲା ଭଳି କରିବା ପାଇଁ ଇଙ୍ଗିତ କରାଯାଉଛି। ଯଦି ପୋଲିସ ଦମ୍ଭ ଦେଖାଇବେ ତେବେ ତାଙ୍କର ନାମରେ କାମରେ କିଛି ଜଟିଳ ଅଭିଯୋଗ ରଟନା କରିବା ତାଙ୍କୁ ବହୁ ଦୂର ଅପନ୍ତରାକୁ ସ୍ଥାନାନ୍ତର କରିବା ପରି ଅବସ୍ଥାମାନ ଉପୁଜିବା ଦେଖାଯାଉଛି। ତେବେ ଅନେକ ଅଫିସର ଯେ ସ୍ୱାର୍ଥନ୍ୱେଷୀ ନୁହଁ ଏମିତି ନୁହଁ ତେବେ କାନୁନକୁ ଠିକ ଧରି କାମ କରିବା ବ୍ୟକ୍ତି ହିଁ ଏବେ କଷ୍ଟରେ ପଡୁଛନ୍ତି।

ଦିନେ ବିଦେଶୀମାନେ ବିଦେଶୀ ମଦ ପିଆଇ ଦେଶୀୟ ଲୋକଙ୍କ ଠାରୁ ଧନ ଶୋଷଣ ଓ ନିଶାରେ ଅନ୍ୟାୟ ପ୍ରଶୟ ଦେବା କାର୍ଯ୍ୟମାନ କରାଉଥିଲେ। ଗାନ୍ଧିଜୀ ମଦ ଦୋକାନ ଆଗରେ ବାନର ସେନା ଲଗାଇ ସତ୍ୟାଗ୍ରହ କରି ମଦ ଦୋକାନମାନ ବନ୍ଦ କରାଇ ଦେଇଥିଲେ। ହେଲେ ବହୁ ରାଜ୍ୟ ସରକାର ମଦକୁ ବଡ଼ ରାଜସ୍ୱ ଆଦାୟର ଏକ ଅବଲମ୍ବନ କରି ପ୍ରକାଶ୍ୟରେ ମଦ ବିକ୍ରୟ ବ୍ୟବସ୍ଥା କରିଚାଲିଛନ୍ତି। ସ୍ୱଦେଶୀ ବସ୍ତ୍ର ବ୍ୟବହାରରେ ଖଦଡ଼ ବ୍ୟବହାରକୁ ଗାନ୍ଧୀଜୀ ପ୍ରାଧାନ୍ୟ ଦେଇଥିଲେ। ଆମର ରାଜ୍ୟରେ ଗ୍ରାମେ ଗ୍ରାମେ କପାଚାଷ ହେଉଥିଲା। କପାରୁ ସୂତାକଟା ଟକିଲ ଚରଖାରେ ହେଉଥିଲା ଲୁଗାବୁଣା। ଗ୍ରାମରେ ଠକ ଠକି ହାତ ତନ୍ତରେ ହେଉଥିଲା। ଲୋକେ ଗ୍ରାମ୍ୟ ବୁଣାକାରଙ୍କ ହାତବୁଣା ଖଦି ଶାଢ଼ୀ ଗାମୁଛାକୁ ଆଦରରେ ବ୍ୟବହାର କରୁଥିଲେ। ବିବାହର ବରାଦୀ କନ୍ୟାର ବାହାଶାଢ଼ୀ ପାରତିଣିଆଁ, ହାତଗଣ୍ଠି ବସ୍ତ୍ର, ଗଇଁଠାଳ ଅତି ପବିତ୍ର ମୂଲ୍ୟବାନ ଭାବି ଲୋକେ ବ୍ୟବହାର କରୁଥିଲେ। ଗାନ୍ଧୀଙ୍କର ଖଦଡ଼ ଲୁଗା ପିନ୍ଧିବା ରୂପ ସମସ୍ତେ ଦେଖିଥିବେ। ଜଣେ ବାରିଷ୍ଟର ତାଙ୍କର କୋର୍ଟ ପ୍ୟାଣ୍ଟ ସାର୍ଟ ଟାଇ ଜୋତା ମୋଜା ପିନ୍ଧାରୂପର ଛବି ବି ଦୁର୍ଲଭ ନୁହଁ। ହେଲେ ସେ ଆଣ୍ଠୁ ନଲଚୁ ଥିବା ଲୁଗା ପିନ୍ଧୁଥିଲେ। ଏକ ଚାଦର ଦେହରେ ପକାଉଥିବା ଛବିରେ ସେ ପ୍ରକାଶରେ ରହିଥିଲେ। ସେ ବସ୍ତ୍ର ପାଇଁ ଯେ ଛଳନା କରିଥିଲେ ଏକଥା କୁହାଯାଇନପାରେ। ଦେଶର ବହୁ ଜନତାଙ୍କ ପରି ବସ୍ତ୍ର ବ୍ୟବହାର ତତ୍କାଳ ବହୁଳ ଭାବରେ କରୁଥିଲେ। କପାଚାଷ ସର୍ବତ୍ର ହେବାରୁ ଲୋକଙ୍କ ହାତରେ ସର୍ବଦା କାମ ରହୁଥିଲା ସୂତାକଟା, ଲୁଗାବୁଣାରେ ବହୁ ଲୋକ ବ୍ୟସ୍ତ ରହୁଥିଲେ। ଗ୍ରାମ୍ୟ କାରିଗରଙ୍କର ଫୁରସତ ନଥିଲା। ଏମିତି ହେଲା ଗାନ୍ଧିଜୀଙ୍କ ରାଜ୍ୟ ଗୁଜୁରାଟ ଓ ମହାରାଷ୍ଟ୍ରରେ କୃଷ୍ଣ କାର୍ପାସ ମୃତ୍ତିକା ବହୁଳ ଆର୍ଥିକ ବୋଲି ସେଠାରେ ବହୁତ କପାଚାଷ ଅଞ୍ଚଳ ସେହି ଅଞ୍ଚଳରେ ସୂତାକଳ ମାନ ଆଗ ବସିଲା ତାପରେ ଲୁଗା ଏବେ ସୁରତ ସୌରାଷ୍ଟ୍ରରେ ଏପରି ଶିଳ୍ପାଞ୍ଚଳ। ଆମ ରାଜ୍ୟରୁ ବହୁ ଓଡ଼ିଆ ଏବେ ସେଠାରେ କର୍ମରତ। ଗାନ୍ଧୀବାଣୀ ହେଲା କୁଟୀ କାଅ କାଟି ପିନ୍ଧ, ମାତ୍ର ହାୟ ସେ ଗୃହ କାଠଢ଼ିଙ୍କି ନାହିଁ କି ତୁଳାଚାଷ ସର୍ବତ୍ର ବିଲୁପ୍ତ, ଟକଳି ଅରଟ ନାମ ଅଛି, ହେଲେ ତାର ବ୍ୟବହାର ଲୁପ୍ତ। ସମସ୍ତେ କଳ ତନ୍ତଲୁଗା ପିନ୍ଧିବାରେ ଲାଗିଗଲେଣି।

> ଦିନେ ବିଦେଶୀମାନେ ବିଦେଶୀ ମଦ ପିଆଇ ଦେଶୀୟ ଲୋକଙ୍କ ଠାରୁ ଧନ ଶୋଷଣ ଓ ନିଶାରେ ଅନ୍ୟାୟ ପ୍ରଶୟ ଦେବା କାର୍ଯ୍ୟମାନ କରାଉଥିଲେ। ଗାନ୍ଧିଜୀ ମଦ ଦୋକାନ ଆଗରେ ବାନର ସେନା ଲଗାଇ ସତ୍ୟାଗ୍ରହ କରି ମଦ ଦୋକାନମାନ ବନ୍ଦ କରାଇ ଦେଇଥିଲେ। ହେଲେ ବହୁ ରାଜ୍ୟ ସରକାର ମଦକୁ ବଡ଼ ରାଜସ୍ୱ ଆଦାୟର ଏକ ଅବଲମ୍ବନ କରି ପ୍ରକାଶ୍ୟରେ ମଦ ବିକ୍ରୟ ବ୍ୟବସ୍ଥା କରିଚାଲିଛନ୍ତି। ସ୍ୱଦେଶୀ ବସ୍ତ୍ର ବ୍ୟବହାରରେ ଖଦଡ଼ ବ୍ୟବହାରକୁ ଗାନ୍ଧୀଜୀ ପ୍ରାଧାନ୍ୟ ଦେଇଥିଲେ। ଆମର ରାଜ୍ୟରେ ଗ୍ରାମେ ଗ୍ରାମେ କପାଚାଷ ହେଉଥିଲା। କପାରୁ ସୂତାକଟା ଟକିଲ ଚରଖାରେ ହେଉଥିଲା ଲୁଗାବୁଣା। ଗ୍ରାମରେ ଠକ ଠକି ହାତ ତନ୍ତରେ ହେଉଥିଲା। ଲୋକେ ଗ୍ରାମ୍ୟ ବୁଣାକାରଙ୍କ ହାତବୁଣା ଖଦି ଶାଢ଼ୀ ଗାମୁଛାକୁ ଆଦରରେ ବ୍ୟବହାର କରୁଥିଲେ।

ଗାନ୍ଧୀଙ୍କୁ ଜାତିର ଜନକ ସମ୍ମାନ ରହିବ। ହେଲେ ତାଙ୍କର ଛବି ମାର୍କା ଦେଶର ମୂଲ୍ୟବାନ ଧନର ନୋଟ ଗୁଡ଼ିକରେ ଏବେ ମଦଦୋକାନରେ ମଦ୍ୟ କିଣାଯାଉଛି। ଏହା କଣ ଜାତିର ଜନକଙ୍କର ଛବିକୁ ଉପହାସ୍ୟ ନୁହଁ। ଯେଉଁ ମହାତ୍ମାଙ୍କର ଛବି ପିଲାମାନଙ୍କର ଶ୍ରେଣୀ ଗୃହରେ କୋର୍ଟ କଚେରୀରେ ପୋଲିସ କାର୍ଯ୍ୟାଳୟରେ କଂଗ୍ରେସ ଦଳ ଅଫିସରେ ଲଗାଯାଉଛି ସେପରି ଛବି ଲଗା ନୋଟରେ ମଦ୍ୟକ୍ରୟ ଯଦି କିଏ କରୁଛି ତାକୁ ଟିକେ ଭାବିବାକୁ ହେଉନାହିଁ। ଏହାଙ୍କ ବାପୁଙ୍କୁ ସମ୍ମାନ। ତେବେ ଗାନ୍ଧୀ ମାର୍କା ମଦ୍ୟ ପ୍ରସ୍ତୁତ କାହିଁକି ହେଉନାହିଁ। ବର୍ତ୍ତମାନ ନେତାମାନେ ଦୁଇଟି ଜାତୀୟ ପର୍ବ ସ୍ୱାଧୀନତା ଦିବସ ଓ ଗଣତନ୍ତ୍ର ଦିବସରେ ପତାକା ଉତ୍ତୋଳନ ପର୍ବକୁ ଯାଉଛନ୍ତି। ମହାତ୍ମାଗାନ୍ଧୀଙ୍କ ଜୟ ଜୟ ଧ୍ୱନୀ ଦିଆଯାଉଛି। ତେବେ ଗାନ୍ଧୀଙ୍କ ସ୍ମରଣରେ ଶପଥ କଣ କେହି ଭାବି କରୁଛନ୍ତି କି ? ଚୀନ ଦେଶରୁ ଏ ଦେଶକୁ ତାଙ୍କ ଦେଶର କୁଟୀର ଶିଳ୍ପରୁ ବହୁ ଜିନିଷ ଆସି ଭାରତର ଗଳିକନ୍ଦିରେ ବିକ୍ରୟ ହେଉଛି। ତାକୁ ଶତୃ ଦେଶବୋଲି କହି ବାଛନ୍ଦରେ ତାର ନାମକୁ ରଖିଲେ ବି ତାର ଦ୍ରବ୍ୟକୁ ନା କରାଗଲାଣି କି ? ମୋବାଇଲ ଫୋନର ଅନେକ ଉପକରଣ ଚୀନ ଦେଶରୁ ଆମଦାନୀ, ହାତବନ୍ଧା ଘଣ୍ଟା ଏପରି କି ତାର ବ୍ୟାଟ୍ରୀ ଚୀନରୁ ଆସୁଥିଲା। ଚୀନା ପଦ୍ଧତିର ଖାଦ୍ୟ ଏ ଦେଶରେ ପ୍ରିୟ। ବଡ଼ ବଡ଼ ହୋଟେଲରେ ସ୍ଥାନିତ। ଏବେ ଆମ ଓଡ଼ିଶାରେ ପୂର୍ବେ ଘରେ ଘରେ କରାଯିବା ବିଭିନ୍ନ ପିଠା ଓ ଖାଦ୍ୟ ପଦାର୍ଥ ଯାହା ବିଭିନ୍ନ ପର୍ବରେ ପାଳନରେ ଲାଗୁଥିଲା ସେ ସବୁ ପ୍ରସ୍ତୁତି ଲୋକେ ଭୁଲି ଗଲେଣି। ଏଣ୍ଡୁରୀ ଚକୁଳୀ ଏ ପିଠାର ଅନ୍ୟ ରାଜ୍ୟର ସଂସ୍କରଣ ଇଡଲି, ଉତ୍ତପମ, ଦୋଶା ଏବେ ନାମକରା ପ୍ରୟୋଗ ଏମିତି ପଞ୍ଜାବୀ, ଗୁଜୁରାଟୀ, ଉଡପି ମାଡ୍ରାଶି ଚାଇନିଜ ଖାନା।


+ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ,
କଟକ,
ମୋ : ୯୪୩୭୦୩୧୨୫୩


## ସମ୍ପାଦକଙ୍କୁ ପତ୍ର

ଓଡ଼ିଆ ଅସ୍ମିତା ବାରମ୍ବାର ଆହତ ହେଉଥିଲେ ମଧ୍ୟ ସ୍ୱର ଆମର ସୀମିତ ହୋଇ ରହିଯାଉଛି । ଆଶା କରୁଛି ଏଥିରେ ଆବଶ୍ୟକୀୟ ସଂଶୋଧନ ଜରୁରୀ ହେଲେ ତାହା ସମ୍ପାଦନା କରି ମଧ୍ୟ ଆପଣ ଏହାକୁ ଛାପି ପାରିବେ । ଉଦ୍ଦେଶ୍ୟ କେବଳ ଓଡ଼ିଆ ଅସ୍ମିତାର ସ୍ୱର ସୁଦୂରବ୍ୟାପୀ ହେଉ ଏବଂ ଶାସନ ପ୍ରଶାସନ ପାଖରେ ପହଞ୍ଚୁ ।

## ବରମୁଣ୍ଡା ବସଷ୍ଟାଣ୍ଡ ଓଡ଼ିଆ ବରପୁତ୍ରଙ୍କ ନାମରେ ନାମିତ ହେଲେ ହିଁ ଗ୍ରହଣୀୟ ହେବ

**ମତାମତ ପାଇଁ ସମ୍ପାଦକ ଦାୟୀ ନୁହଁନ୍ତି**

ମହାଶୟ,

ଏବେ ଭୁବନେଶ୍ୱର ବରମୁଣ୍ଡା ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ସରି ଆସୁଥିବା ବେଳେ ଏହାକୁ ଆମ୍ବେଦକରଙ୍କ ନାମରେ ନାମିତ କରାଯିବ ବୋଲି ଖବରକାଗଜରୁ ପଢ଼ିବାକୁ ପାଇଲୁ । ଏହା ଆମକୁ ବ୍ୟଥିତ କରିଛି । କାରଣ ଆମ୍ବେଦକର କୌଣସି ଦୃଷ୍ଟିରୁ ଓଡ଼ିଆ ଜନଜୀବନ ସହ ସମ୍ପର୍କିତ ନୁହନ୍ତି । ଓଲଟା ସେ ଭାରତର ଜଣେ ପ୍ରମୁଖ ବିବାଦୀୟ ବ୍ୟକ୍ତିତ୍ୱ। ଜୀବନସାରା ଇଂରାଜୀ ଭାଷା, ବ୍ରିଟିଶ୍ ବେଶଭୂଷା ଓ ଇଂରାଜୀ ସଂସ୍କୃତିର ପ୍ରଚାରକ ଥିଲେ। ବ୍ରିଟିଶ୍ ଶାସନର ସମର୍ଥକ ଥିଲେ । ଭୀମା କୋରେଗାଓଁର ବ୍ରିଟିଶ୍ ବିଜୟ ସ୍ତମ୍ଭରେ ମାଲ୍ୟାର୍ପଣ କରି ଏହା ସେ ସାବ୍ୟସ୍ତ ମଧ୍ୟ କରିଥିଲେ । ଭାରତର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ପ୍ରତି ତାଙ୍କର ଆଦୌ ସମ୍ମାନ ନ ଥିଲା । ଜନ ସମ୍ମୁଖରେ ମନୁସ୍ମୃତି ଜଳାଇ ତାହା ସେ ପ୍ରମାଣିତ କରିଥିଲେ । ଏମିତି କରି ଗୋଟାଏ ବଡ଼ କାମ କରି ପକାଇଲେ ବୋଲି ତାଙ୍କ ଅନୁଯାୟୀଗଣ ଭାବନ୍ତି ହେଲେ ବାସ୍ତବରେ ଜନସ୍ମୃତିରୁ ବିସ୍ମୃତ ହୋଇ ଯାଇଥିବା ମନୁସ୍ମୃତିକୁ ସେ ଉଜ୍ଜୀବିତ କରିଥିଲେ । ମନୁସ୍ମୃତି କେବଳ ଭାରତ ନୁହେଁ ସମଗ୍ର ବିଶ୍ୱ ପାଇଁ ପ୍ରଥମ ଲିଖିତ ସମ୍ବିଧାନ ଭାବରେ ପରିଚିତ । ତେବେ ପ୍ରଚଳିତ ସମ୍ବିଧାନର ପ୍ରଣେତା ଭାବରେ ଯେଉଁ ପ୍ରତିଷ୍ଠା ଆମ୍ବେଦକର ପାଆନ୍ତି ତାହା ରାଜନୈତିକ ଅଭିସନ୍ଧିମୂଳକ । କେବଳ ଗୋଟିଏ ବର୍ଗକୁ ଖୁସି କରିବା ପାଇଁ । ଓଲଟା ଭାରତୀୟଙ୍କୁ ଜାତି ଭିତ୍ତିରେ ବର୍ଗୀକୃତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରି ସେ ସମ୍ବିଧାନର ମର୍ଯ୍ୟାଦା ହାନି କରିଛନ୍ତି ବୋଲି ଅଭିଯୋଗ ହୁଏ । ୧୫ ଜଣ ପ୍ରମୁଖ ବ୍ୟକ୍ତିଙ୍କ ସମେତ ୨୯୯ ଜଣ ସଦସ୍ୟ ଥିଲେ ସମ୍ବିଧାନ ପ୍ରଣୟନ ସଭାରେ । ୧୯୩୫ ମସିହାର ବ୍ରିଟିଶ୍ ପ୍ରଣୀତ 'ଭାରତ ଶାସନ ଆଇନ୍' ଉପରେ ଆଧାରିତ ପ୍ରଚଳିତ ସମ୍ବିଧାନ ପାଇଁ ୧୯୪୮ ରେ ୬୪ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା । ବର୍ତ୍ତମାନ ସମୟର ଭାରତୀୟ ମୁଦ୍ରାରେ ତାହା ହିସାବଯୋଗ୍ୟ। ତେବେ ସ୍ୱାଧୀନ ଭାରତରେ ପ୍ରଥମ ବ୍ୟାପକ ଦୁର୍ନୀତି ଏଇ ସମ୍ବିଧାନ ନିର୍ମାଣ କାର୍ଯ୍ୟରେ ହୋଇଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ତେବେ ଏହା ଅଧିକ ତର୍ଜମା ସାପେକ୍ଷ କାରଣ ସେ ସମୟରେ କୌଣସି ନିର୍ବାଚିତ ସରକାର ନଥିଲେ କିମ୍ବା ବିରୋଧୀ ଦଳ ମଧ୍ୟ ନଥିଲେ । କେବଳ ବ୍ରିଟିଶ୍ ଚୟନିତ ଗୋଟିଏ ପକ୍ଷ ଶାସନ କରୁଥିଲା । ଏତେ ସବୁ ଜଟିଳତା ଭିତରେ ଆମର ସରଳ ଓଡ଼ିଆ ପ୍ରାଣ ପଶିବାକୁ ଆଦୌ ପସନ୍ଦ କରୁନାହିଁ । ସିଧାସଳଖ କହିଲେ ଭୀମରାଓ ଆମ୍ବେଦକର ଭଳି କୌଣସି ବିବାଦୀୟ ବ୍ୟକ୍ତିତ୍ୱ ବଦଳରେ ଜଣେ ପ୍ରମୁଖ ଓଡ଼ିଆ ବରପୁତ୍ରଙ୍କ ନାମରେ ନାମିତ ହେଲେ ହିଁ ତାହା ଗ୍ରହଣୀୟ ହେବ । କାରଣ ବରମୁଣ୍ଡା ବସଷ୍ଟାଣ୍ଡ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଥିବା ମୁଖ୍ୟ ବସଷ୍ଟାଣ୍ଡ ଏବଂ ଏହାର ପ୍ରଭାବ ସାରା ରାଜ୍ୟ ସମେତ ପଡ଼ୋଶୀ ରାଜ୍ୟ ଉପରେ ମଧ୍ୟ ରହିଛି । ୧୮୧୭ ମସିହାରେ ଆରମ୍ଭ ହୋଇଥିବା ପାଇକ ବିଦ୍ରୋହର ସୂତ୍ରଧର ପୁଣ୍ୟାତ୍ମା ଜୟୀ ରାଜଗୁରୁଙ୍କ ନାମ ଏଥି ନିମନ୍ତେ ବିଚାରଣୀୟ। ତାଙ୍କର ସ୍ୱାଭିମାନ ଏବଂ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଲଢ଼େଇ ସର୍ବଦା ଏ ଓଡ଼ିଆ ଜାତିକୁ ଉତ୍ସାହିତ ରଖିବ । 'ଜଇଆ ପଛେ ଜୀବନ ଦେଲା, ନୁଆଇଁ ନାଇଁ ମଥା।' କ୍ରୁର ଇଂରେଜ ସରକାର ସାମ୍ନାରେ ସ୍ୱାଭିମାନୀ ଜୟୀ ରାଜଗୁରୁଙ୍କ ସାହସ ଓ ନିଜ ମାତୃଭୂମି ପାଇଁ ଜୀବନ ତ୍ୟାଗ ଅନନ୍ୟ ଏବଂ ଅତୁଳନୀୟ । ଅମର ଶହୀଦ ଜୟୀ ରାଜଗୁରୁଙ୍କ ପାଇଁ ଜାତୀୟ ଇତିହାସରେ ସ୍ଥାନ ନଥିଲା ବେଳେ ଲାଲ୍ ମାଟିର ଖୋର୍ଦ୍ଧା ଗଡ଼ ଛାତି ଉପରେ ଆମେ ଅନ୍ୟ ରାଜ୍ୟରୁ ବିବାଦୀୟ ବ୍ୟକ୍ତିତ୍ୱ ଆମଦାନୀ କରି ମୁଣ୍ଡରେ ବସାଇବା କି ପ୍ରକାର କୁତ୍ସିତ ମାନସିକତା ! ଏଣୁ ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଭୁବନେଶ୍ୱର ବରମୁଣ୍ଡା ବସଷ୍ଟାଣ୍ଡକୁ ସ୍ୱାଭିମାନୀ ଓଡ଼ିଆ ଜୟୀ ରାଜଗୁରୁଙ୍କ ନାମରେ ନାମିତ କରିବା ସହ ପ୍ରସ୍ତାବିତ ଗ୍ୟାଲେରୀରେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହର ଗାଥା ପ୍ରତିଫଳିତ ହେଲେ ଉଚିତ୍ ହେବ।


**ଦୀନବନ୍ଧୁ ଷଡ଼ଙ୍ଗୀ**
+ପୂର୍ବ ନୌସୈନିକ, ଭୁବନେଶ୍ୱର,
ମୋ: ୭୯୭୮୭୧୬୮୭୯




କବିତା କୋଣାର୍କ

### ଏବେକାର ସମୟରେ ଗାଆଁ

**ନିରଞ୍ଜନ ସାହୁ**

ସମୟ ସହିତ ଗାଆଁ ବଦଳିଛି
ବଦଳିଛି ପରିବେଶ
ଅତୀତର ସେହି ଗାଆଁ ଦୃଶ୍ୟପଟ
ଆଉ ନାହିଁ ମାତ୍ର ଲେଶ ।

ଧାଡି ଚାଳଘର କାଁ ଭାଁ ରହିଛି
କୋଠାଘର ଧାଡିଧାଡି
ସାଇକେଲ ଚଢା ବଦଳରେ ଏବେ
ସଭିଏଁ ଚଢ଼ନ୍ତି ଗାଡି
ଡିବିରି , ଲଣ୍ଠନ ଖୋଜିଲେ ମିଳେନା
ନାଲି ରାସ୍ତା ଯୁଗ ଶେଷ ।

ଗାଆଁ ଚାରିପଟେ ଆମ୍ବତୋଟା ନାହିଁ
ତୁଟିଛି ପାହାଡ଼ ଶିରୀ
ଗାଆଁ ପୋଖରୀରେ ପ୍ରଦୂଷିତ ଜଳ
ଦେଖି ମୁଣ୍ଡ ଘିରିଘିରି
ଗାଆଁର ଯୁବକ ଦାଦନ ଖଟନ୍ତି
ପାରି ହୋଇଯାଇ ଦେଶ ।

ଚାଷବାସ କଥା ନ କହିବା ଭଲ
କଳଲଙ୍ଗଳରେ ଚାଷ
ନାହିଁ ଖଳାବାଡ଼ି , ବଳଦଙ୍କ ଯୋଡି
ମରୁଡ଼ିରେ ଚାଷ ନାଶ
ଗାଆଁରେ ଦିଶୁନି ଅଙ୍କି, ତାଟି, ଢିଙ୍କି
ଶିଳ, ଚକି, ପିଢା, ହେଂସ ।

ଗାଆଁରେ ହଜିଛି ଭାଇଚାରା ଏବେ
ରାଜନୀତି କରେ ଖେଳ
ମଦ୍ୟପ, ଜୁଆଡ଼ି ସଂଖ୍ୟା ବଢେ ଏଠି
ନାହିଁ ଆଉ ଭଲ ବେଳ
ଗାଆଁର ଯୁବକ ଫୁଟାଣି ମାରଇ
କେ ' ବଙ୍କା କରିବ କେଶ ।


+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩


### ମନ୍ଦାର ଗଛର ମୋହ

**ଡ. ଦୀପକ କୁମାର ମିଶ୍ର**

ଯେତେଥର ମୂଳେଇ କାଟିଲେ ବି
ନିଜ ଜିଦ୍-ରେ ସେ ଅଟଳ ହିମାଳୟ
ମୁନ୍ଦେ ଚାଉଳଧୂଆ ବା
କୁଳୁକୁଞ୍ଚା ପାଣିରେ
ଚେଇଁଉଠେ ଶୁଖିଲା ଧୁଡୁଧୁଡୁ
ମୃତପ୍ରାୟ ଚେର
ମାଟିତାଡି ଅଲବତ୍ କଅଁଳେ,
କେନା ମାରେ
କଢ଼ିଧରି ଫୁଲ ଫୁଟେ
ଜାଣ, ଅଶ୍ୱତ୍-ଥାମାର ଆୟୁଷ
ନେଇଆସିଥିବା
ଅଭିଶପ୍ତ ଗଛଟେ ତ ।

ପୁଅ ପାଳାପୂଜା ନାଁରେ
ବାଆଁରେଇ ଯେଉଁ କାଟିଦେଲ
ଛନଛନିଆ ତା'ର ଡାଳ ପତ୍ର ଦେହ
ପାକଳ ବୟସଟିରେ ଗାର ଟାଣି
ଛକି ପକେଇଲ
ପୁରୁଷେ ଅମଳର ଭିଟାମାଟି ଛାଡ଼ି
କେମିତି ନିମକହାରାମ ହେବ ଯେ
ବେଇମାନି କରି
ହାରିଯିବ ଜୀବନର ଯୁଦ୍ଧ ।

ଖଣ୍ଡି କେନାଟିଏ ହୋଇ
ପୋତା ହୋଇଥିଲା ଘର ଅଗଣାର
ଚାଳ ଓଳିପାଣି ତଳେ
ମାଆ ଅଗିରେ ଟେଳେ
ଗୋବର ଲେପି
ଖୁସୁଣୀ ମାରି ଚାଖଣ୍ଡେ ଗାତରେ
ଯେଉଁ ପୋତି ଦେଇଥିଲା
ମାଟି କାମୁଡ଼ି ଯୋଗାଇଆଉଛି
ତିଥି ଅତିଥିରେ ପାଛିଏ ପାଛିଏ ନେଖା
ମନଲୋଭା ଫୁଲ ।

ସେ କ'ଣ ହୋଇଚି କି କନିଅର ଗଛ
ଫୁଲ ସଙ୍ଗେ ଦେବ ବିଷ
ରଙ୍ଗ ଦେଇ ଘର ଉଜାଡ଼ିବ
ବହଲେଇ ଫୁସଲେଇ ନେବ
ମଣିଷ ଜୀବନ
ସେ ପା' ମାନସିକ
ଫିଟେଇବାର ଗଣ୍ଡିମନ୍ତ୍ର
ନାଲି ଗୁରୁଗୁରୁ ମନରେ
କେତେ ଓଷା ବାରକୁ
କରିଚି ଫୁଲମୟ
ତା ଦେହରୁ ଫୁଲ କି
କଢ଼ିଟିଏ ନପାଇଲେ
ଅପୂଜା ରହିଯାଏ ଦିଅଁ
ମଙ୍ଗଳମୟ ହୁଏନି ମଙ୍ଗଳବାର
ଦେବୀଙ୍କର ଅତିପ୍ରିୟ
ପରା ଏହି ମନ୍ଦାରଫୁଲ ।

ଯେତେ ଯିଏ ମାର ଚୋଟ,
ତାଡ଼, ଦୂରଦୂର ମାର କର
ସେ ଯିବନି ଛାଡ଼ି ତା ପ୍ରିୟ ଓଳିତଳ
ମାଟି ଓ ପବନକୁ ଜାବୁଡ଼ି ଧରି
ଡାହା ଅଲାଜୁକୀ ପରି
ଫୁଲେଇହେଇ ପୁଣି ଫୁଲଟିଏ
ଦେବ ହିଁ ଦେବ ।


+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦


### ବସନ୍ତ ଆସିଛି ବରଷକ ପରେ

**ପ୍ରଶାନ୍ତ କୁମାର ଦାଶ**

ଫଗୁଣ ଆକାଶ ଦିଶୁଛି ସରସ
ସଫା ଅଙ୍କାବଙ୍କା ବାଟ
କେତେ ଫୁଲ ଫଳ ପରିବା ନେଇକି
ସପନା ଧାଉଁଚି ହାଟ ।

ନାହିଁ କାହାମନେ କାକର କୁହୁଡି
ହାଡ଼ଥରା ଶୀତଡର
ଓଷା ପରବରେ ହୁଏ ପିଠାପଣା
ମହକି ଉଠୁଛି ଘର ।

ଫଗୁଣ ଆସିଛି ହେବ ଚାରିଆଡେ
ମେଳା ଯାତ ଘୋଡାନାଟ
ଛୁଟିଆଣି ଭାଇ ଗାଆଁକୁ ଆସିବ
ବୋଉତ ଚାହିଁଛି ବାଟ ।

ମିଠା ଭାର ନେଇ ଖୁସିହେଇ ଭାଇ
ଅପାଘର ଯିବ ଚାଲି
ଅପାତ ଆସିବ ହୋଲିଖେଳ ହେବ
ଆସିଲେ ପରବ ହୋଲି ।

ସରସ ସୁନ୍ଦର ଗାଆଁ ଆମ୍ବତୋଟା
କୋଇଲି ଡାଡାଳେ ବସି
ଗାଇଦେଲେ ଗୀତ
ଗାଆଁମାଟି କୋଳେ
ସୁଧାଧାରା ପଡେ ଖସି ।

ସୁନାର ସପନ ଦେଖେ ଚାଷୀଭାଇ
ନିଘୋଡ଼ ନିଦରେ ଶୋଇ
ମାଟିରଛାତିରେ କେତେ ଗଛଚାରା
କିଣିଆଣି ଦେବ ରୋଇ ।

ଅଜା ଚାଲିଲେଣି ସକାଳୁ ଉଠିକି
ନାହିଁ ଶୀତ ଥଣ୍ଡା ଡର
ବରଷକ ପରେ ଆସିଛି ବସନ୍ତ
ହସିଲାଣି ପଲ୍ଲୀ ପୁର ।


+କୁଞ୍ଜର ସଙ୍ଗଳାଇ, ପିପିଲି ପୁରୀ
ମୋ: ୯୬୬୮୮୨୨୧୯୦

## ଜାଗୃତି
### ରାଧାଶ୍ୟାମ ରାଉଳ



କହିବାକୁ ଆଉ ସୁଯୋଗ ମିଳୁଛି
କେଉଁଠୁ ଯେ,
ବ୍ୟବସ୍ଥା ଭିତରେ ଥାଇ,
ବ୍ୟବସ୍ଥା ବିରୁଦ୍ଧରେ କହିହେବ ?
କହିଲେ ବି,
କୋଉଁ ଫରକ ପଡୁଛି ଯେ,
ବାପରାଣ ଢେଙ୍କି ଗିଳ ଯାଏଁ କଥା ଯିବ !

ଥୋକାଏ ବିଷକୁ ଜାଣି ମଧ
ହରଦମ୍ ପିଇ ଚାଲିଛନ୍ତି ବିଷ !
ଅଭ୍ୟାସ ବଳରେ ହୁଏତ
ବିଷ ସେମାନଙ୍କ ପାଇଁ
ପାଲଟି ଯାଇପାରେ ପୀୟୂଷ !

ଦେଖାଶିଖା ନୀତିରେ ଆଉ ଥୋକାଏ
ଭେଳିକିରେ ମାତି ଗଢ଼ିଚାଲିଛନ୍ତି,
ସ୍ୱପ୍ନର ରଙ୍ଗମହଲ, ପ୍ରେମର ତାଜମହଲ !

ସମୟ ଓ ପରିସ୍ଥିତି କିନ୍ତୁ
ଭଲ ନୁହେଁ ଜମାରୁ ।

ବିଷାକ୍ତ ହୋଇଯାଉଛି ମାଟି,
ପାଣି, ପବନ, ଆକାଶ,
ସମ୍ପର୍କ, ବିଶ୍ୱାସ, ପ୍ରଶ୍ୱାସ ଓ ନିଃଶ୍ୱାସ !
ଜୀବନରୁ କ୍ରମଶଃ ହଜିଯାଉଛି,
ପରିଚୟ, ମୂଲ୍ୟବୋଧ,ସଂସ୍କାର,
ନୀତି ନିୟମ ଓ ଆଦର୍ଶ !

ବାସ୍, ବହୁତ ହୋଇଗଲା, ଆଉନୁହେଁ ଓ
ଲଗାମହୀନ ବ୍ୟବସ୍ଥାରେ
ଲଗାମ୍ ଲଗେଇବାର ସମୟ ହିଁ ଏବେ ।
ମୁଖା ଖୋଲିଦେବାକୁ ହେବ,ସେଇମାନଙ୍କର,
ଯେଉଁମାନଙ୍କର ନିଜଠାରୁ କାଳେ ଅଧିକ ଚିନ୍ତା
ଦେଶ ଓ ଜାତିର; ସମ୍ମାନ ଓ ସ୍ୱାଭିମାନର !
ଯେଉଁମାନେ ଆଖି ବୁଜିବୁଜି
କ୍ଷୀର ପିଇବା ନ୍ୟାୟରେ,

ଖୁଲମଖୁଲା କରିଚାଲିଛନ୍ତି ଦୁର୍ନୀତି,
ଭ୍ରଷ୍ଟାଚାର ଓ କ୍ଷମତାର ଅପବ୍ୟବହାର !
ପୃଷ୍ଠପୋଷକତା ଓ ପ୍ରୋତ୍ସାହନ
ଦେଇଚାଲିଛନ୍ତି, ପ୍ରିୟାପ୍ରୀତିତୋଷଣ,
ଅନୀତି ଓ ଅବ୍ୟବସ୍ଥାର !
ଗଦେଇ ଚାଲିଛନ୍ତି କୁଡ଼ କୁଡ଼ କଳାଧନ,
ଅହଙ୍କାର ସର୍ବସ୍ୱ ହୋଇ
ନିଜକୁ ଭାବୁଛନ୍ତି, ମାନ୍ୟଗଣ୍ୟ,
ମାନ୍ୟବର, କ୍ଷମତାସୀନ ଓ
ସର୍ବଶକ୍ତିମାନ !
ଯେଉଁମାନଙ୍କ ହୁକୁମତିରେ
ବିପର୍ଯ୍ୟସ୍ତ ହେଉଛି,
ପ୍ରଶାସନ ଓ ଆଇନକାନୁନ;
ବିପନ୍ନ ହୋଇପଡୁଛି ଦେଶର ଗଣତନ୍ତ୍ର ଓ
କୋଟି କୋଟି ନିରୀହ ସାଧାରଣ
ଜନତାଙ୍କର
ତେଲଲୁଣର ସଂସାର ଓ
ମେହନତୀ ଜୀବନ ! ଔଔଔଔ


♥'ଇନ୍ଦ୍ରଧନୁ'
ଡ୍ୟୁପ୍ଲେକ୍ସ: ୧୦ (ବି)
ବୀମାବିହାର, ମର୍କତନଗର,
ସେକ୍ଟର: ୬, କଟକ : ୭୫୩୦୧୪
ମୋ:୯୪୩୭୦୯୦୯୮୫


## ହେ ଋତୁରାଜ
### ଅକ୍ଷୟ କୁମାର ରାଉତ



ହେ ଋତୁରାଜ ତୁମେ ଆସ
ଆସ ତୁମେ ଝୁମରି ବୁଢ଼ୀର କୁଡ଼ିଆକୁ
ଦେଖି ଯାଆ ଯୌବନର ପାହାଚ
ଡେଇଁ ଯାଇଥିବା ତା ଝିଅକୁ
ଆଖି ଲୁହ ଆଖିରେ ମାରି ଗୁମ୍ ସୁମ୍
ବସିଥିବା
ସେଇ ଅଭିଆଡ଼ି ରେବୀକୁ
ତୁମେ ତ ସୋରିଷ କ୍ଷେତରେ ଭରିଦେଇଛ
ବହଳିଆ ହଳଦୀ ରଙ୍ଗ
କିଛି ନହେଲା ନାହିଁ ତା ଦେହରେ
ଟିକେ ଲଗେଇ ଦିଅନ୍ତନି ହଳଦୀ
ସିଞ୍ଚି ଦିଅନ୍ତନି ବାଡୁଅ ପାଣି....!

ହେ ଋତୁରାଜ କେଉଁଠି ତୁମେ !
ତୁମେ କଣ ଗଛ ଡାଳରେ,

ନା ପତ୍ରରେ, ନା ଫୁଲରେ
ନା ସୂର୍ଯ୍ୟ କିରଣରେ
ତୁମେ ଜହ୍ନରେ ନା ଯୋଷ୍ନାରେ
ତୁମେ ପାହାଡ଼ରେ ନା ଝରଣାରେ
ତୁମେ କୃଷକର କ୍ଷେତରେ ନା ସବୁଜ
ବନାନୀରେ

ତୁମେ କଣ ସର୍ବତ୍ର ବିଦ୍ୟମାନ !
ଏକଥା ସତ୍ୟ ଯେ ତୁମେ ଆସୁଛ
ନିସ୍ତବ୍ଧ ରାତ୍ରିର ଅନ୍ଧକାର ରେ ଲୁଚି ଲୁଚି

ହେଲେ ଚାଲି ଯାଉଛ ଚୋରଙ୍କ ଭଳି ।
ଝାଉଁଳି ପଡ଼ିଥିବା ଘାସ, ଫୁଲ
ତୁମ ଆସିବାରେ ଫୁଲେଇ ହେଲେଣି
ମହକିଲାଣି ଆମ୍ର ବଉଳ
କୋଇଲି ବି ଗାଇଲାଣି ପଞ୍ଚମ ତାନରେ
ଫୁଲ ଓ ଭ୍ରମର ଗାଇଲେଣି ପ୍ରଣୟ ଗୀତିକା
ମଳୟ ବି ଗାଇଲାଣି ପ୍ରେମ ସଙ୍ଗୀତ
ତୁମେ ଲୁଚି ଛପି ଆସ ମୋର
କିଛି ଆପତ୍ତି ନାହିଁ
ହେଲେ ଟିକେ ଆସନ୍ତନି ଦିନ ମଜୁରୀଆ
ନଥୁ ବୁଢ଼ା କୁଡିଆ ଆଡ଼େ
ପରଷି ଦେଇ ଯାଆନ୍ତ ତା କଂସାରେ
ମୁନ୍ଦାଏ ତୋରାଣି କି ଦି ମୁଠା ଭାତ
ସେ କଣ ମାଗୁଛି ସାତ ତିଅଣ ନଅ ଭଜା
ସେ କଣ ବୁଝେ ବସନ୍ତ ଆଉ
ଫଗୁଣର ପ୍ରଭେଦ
ସେ କେବଳ ବୁଝେ ମାଟି ମଟାଳ
ଦେହ ଆଉ ପେଟର କଥା।


♥ବାଲକାଟି,ଆଳି,କେନ୍ଦ୍ରାପଡା




## ଫୁଲେଇ ଫଗୁଣ
### ନୂତନ କୁମାର ବେହେରା



(ରାଗ -- ବିଭାସ କେଦାର)
ଫୁଲେଇ ଫଗୁଣ ଟାଣି ନିଏ ମନ,
ତା' ରୂପ ଲାବଣ୍ୟ ଅଗ୍ରେ ପାଏ ମାନ୍ୟ।
ବସନ୍ତେ ଉଚ୍ଛନ୍ନ ହୁଏ ତା' ଯୌବନ,
ନୟନେ ସପନ ଦେଖେ ଘନ ଘନ।
ପ୍ରାଣର ସ୍ପନ୍ଦନ ହୁଏ ଉଚ୍ଚାଟନ,
ପ୍ରେମର କିରଣ ବୁଣେ ଅନୁକ୍ଷଣ।
ଦେଇ ଦରଶନ କରେ ଆକର୍ଷଣ,
ମଧୁର ଚୁମ୍ବନ ତାର ପ୍ରତିଦାନ।
ଆସିଲେ ଫଗୁଣ ହସେ କୁଞ୍ଜବନ,
ମଧୁପ ଗୁଞ୍ଜନ ପ୍ରୀତି ସମ୍ମୋହନ।
ଶୋଭାର ଭୁବନ ଆମ୍ରର କାନନ,
କୋଇଲି କୂଜନ ସୁମଧୁର ତାନ।
ମୃଦୁ ସମୀରଣ ପରଶେ ବଦନ,
ଖେଳେ ଶିହରଣ ଉଲ୍ଲସିତ ପ୍ରାଣ।
ଆକାଶରୁ ଜହ୍ନ ରୂପେଲି କିରଣ,
କରି ବିକିରଣ କରାଏ ପ୍ରବଣ।
ଫୁଲେଇ ଫଗୁଣ ମନ ଛନଛନ,
କରି ଅଭିମାନ ଖୋଜେ ପ୍ରିୟଜନ।

ସୁମନେ ସୁମନ ବାସ ବିତରଣ,
କରେ ରାତିଦିନ ଆଣେ ସୁଲଗନ।
କରି ତା' ଆଘ୍ରାଣ ସଞ୍ଚରେ ଜୀବନ,
ପ୍ରେମେ ପ୍ରେମୀ ମନ ହୁଅଇ ମିଳନ।
ବସନ୍ତ ଫଗୁଣ କରି ସମ୍ଭାଷଣ,
ଦେଇ ଯେ ତୋରଣ କରନ୍ତି ଆହ୍ୱାନ।
ହୋଲିର ପାର୍ବଣ ରଙ୍ଗରେ ରଙ୍ଗୀନ,
ଶ୍ରୀରାଧା ଶ୍ରୀକୃଷ୍ଣ ଯୁଗଳ ମିଳନ।
ଦର୍ଶନେ ପୂଜନ ପବିତ୍ର ନୟନ,
ଘୁଞ୍ଚଇ ଦୁର୍ଦ୍ଦିନ ଆସେ ସୁଦିନ।
ଫୁଲେଇ ଫଗୁଣ ଚୁଲବୁଲି ଗୁଣ,
ରଖି ଜନ ମନ ଜଣାଏଁ ସମ୍ମାନ।


♥କୋହି,ବାରିପଦା,ମୟୂରଭଞ୍ଜ
ମୋ: ୮୦୧୮୩୫୩୩୨୨


## ଦୁର୍ବିପାକ
### ପ୍ରଦ୍ୟୁମ୍ନ ପଟ୍ଟନାୟକ



ଅହରହ ଦିନରାତି ଲାଗି ରହିଛି
ପାଦେ ପାଦେ ଅସୁମାରି ବିପଦ ।

ଘରୁ ବାହାରିଲେ ଦଳି ଦେଉଛି ହାତୀ
ଘର ଭିତରେ ଶୋଇ ଥିବା ବେଳେ
ଦଂଶନ କରୁଛନ୍ତି ବିଷଧର ସର୍ପ ।

ଗାଧୁଆ ତୁଠରୁ ଟାଣି ନେଉଛି କୁମ୍ଭୀର
କ୍ଷେତ ବାଡ଼ିରେ କାମ କରୁଥିବା ବେଳେ
ରାସ୍ତା ଘାଟରେ ଚାଲୁ ଚାଲୁ
ହେଉଛି ବଜ୍ରପାତ।

ସବୁଦିନ ଗାଡ଼ି ସହ ଗାଡ଼ି ଧକ୍କାରେ
ଯାଉଛି ଜୀବନ
କେବେ ଟ୍ରେନ୍ ଦୁର୍ଘଟଣା ତ
କେଉଁଠି ପାହଡ଼ ଧସିଲାଣି
ପୁଣି କେଉଁ ଜନପଦ ଧୋଇ
ନେଲାଣି ବନ୍ୟା ଜଳ ।

କେବେ ବେମାରି ତ କେବେ ମହାମାରୀ

ଯୁଆଡ଼େ ଦେଖ ଧନ ଜୀବନ
ହାନିର ବିଭୀଷିକା
ଚାରିଆଡ଼େ ବ୍ୟାପି ଯାଇଛନ୍ତି
ଯମଦୂତମାନେ।

ନାଶିବାକୁ ମନୁଷ୍ୟର ପ୍ରାଣ
ନିୟତିର ମେଣ୍ଟୁନଥିବା ଭୋକ
ବନ୍ୟା ବାତ୍ୟା ମରୁଡ଼ି ସହ
ଯୋଡ଼ି ହୋଇ ଗଲେଣି
କେତେ ନୂଆ ନୂଆ ଦୁର୍ବିପାକ ।


♥ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬


## ଅନ୍ୱେଷା
### ଡ. କିଶୋର ମହାନ୍ତି



ଖୋଲି ଦିଅ
କଂସାର କବାଟ
ଆଲୋକ ବିଚ୍ଛୁରିତ ହେଉ
ଖୋଲି ଦିଅ ସବୁ ଗବାକ୍ଷ
ସୂର୍ଯ୍ୟ ଝାସରେ
ଉତ୍ତଳା ହେଇ ଉଠୁ,
ଶାଆଣ ମେଲା ହେଲା
ହେଇ ଯାଉ ସବୁ ମୁହୂର୍ତ୍ତ
ଠେଲା ପେଲା ହୋ ହଲ୍ଲା ଭିତରେ
ଯେମିତି ବାଇସ୍କୋପରେ ଛବି
ଜଳ କବାଟୀ ଭିତରେ
ନାଚୁଛନ୍ତି ମୋ ଇପ୍‌ସିତ ଈଶ୍ୱର,
ଦୃଶ୍ୟମାନ ହେବ ଶୂନ୍ୟ ଚିତ୍ର କକ୍ଷ
ଅଣୁ/ ପରମାଣୁରେ ଭେଦି ଯାଉଥିବ
ଭେଦୁଥିବ ଚୈତି ସଭାରେ
ଗର୍ଭଗୃହରେ ଅନୁରଣିତ
ହେଉଥିବ ଗୋଟାଏ ପ୍ରଳମ୍ବିତ ରାଗ,

ପରମାର୍ଥିକର ସାତ୍ତ୍ୱିକ ନିରାଜନା
ପ୍ରାଣର ସ୍ପନ୍ଦନ/ ଗୋଟାଏ ଝଂକାର
ପ୍ରଶାନ୍ତି ମନରେ/ ହୃଦୟରେ
ସେଇ ଅନାହତ ନାଦ
ବିଭୋର କରି ଦେଉଥିବ,
ଶୀହରଣ କରୁଥିବ ଆପାଦ ମସ୍ତକ,
ଅନୁଭବ/ ଅନ୍ୱେଷାର
ଖୋଲୁଥିବ ଆସ୍ତେ ଆସ୍ତେ
ଆଦିମ ରହସ୍ୟ
ଦୃଶ୍ୟମାନ ହେଉଥିବ ଅହରରେ ବିମୋହିତ
ଅମରାବତୀ ପୁର ।


♥ମୋ: ୯୪୩୭୭୨୮୪୭୫


## ତମେ ଗଲା ପରେ
### ଡାଃ. ଶଶିକାନ୍ତ ମହାନ୍ତ



ଚାଲେ ଯେବେ ଆଜି
ସ୍ମୃତି ସିନ୍ଧୁ ତୀରେ
ପାଦଚିହ୍ନ ମୋର
ମୁଁ ଖୋଜିବୁଲେ ।
ମିଶିଛି କେତେ ଯେ
ଲୋତକର ନଈ
ଢେଉ ବି ଖୁସିର
ଯାଇଛି ଭିଜାଇ,
କଳନା ମୁଁ କରିଚାଲେ।

ପାଦେ ଫୁଟେ ଯେବେ
ତୀକ୍ଷ୍ଣ ପଥର
ମନେ ପଡିଯାଏ
ଗ୍ଲାନି ଅତୀତର ।
ପାଦତଳୁ ଯେବେ
ବାଲି ଖସିଯାଏ
କୋକୁଆ ଭୟରେ
ଛାତି ଥରିଯାଏ,
ଖୋଜେ ମୁଁ ହାତ ତୁମର ।

କାହିଁ ଇନ୍ଦ୍ରଧନୁ
ସପ୍ତରଙ୍ଗ ବିଭା
କାହିଁ ସେ ମଳୟ

ଆତ୍ମସ୍ପର୍ଶୀ ବାଆ ।
କଳୁଷିତ ଆଜି
ସ୍ମୃତିର ସାଗର
ମିଶି ମିଶି ତହିଁ
ବିଷାଦ ଜହର,
ଜୀଇଁବାକୁ ଖୋଜେ ରାହା ।

ତଥାପି ତୁମର
ସ୍ମୃତିକୁ ସେମିତି
ସୁନା ଶାମୁକାରେ
ରଖିଛି ସାଇତି ।
ହୃଦୟ କାନ୍ଥରେ
ଆଙ୍କି ତାର ଛବି
ଅତୀତ ସ୍ମୃତିକୁ
ବର୍ତ୍ତମାନ ଭାବି,
କାଟୁଥାଏ ଦୀନରାତି ।


♥ବାରିପଦା, ମୟୂରଭଞ୍ଜ
ମୋ: ୬୩୭୦୨୦୩୦୧୬


## ଆଜିକାଲିର ବାହାଘର
### ସତ୍ୟ ସିଂ ବାଗ



ବିବାହ ଦୁଇଟି ହୃଦୟ ମିଳନ
ନୁହଁଇ ସେହି ବଣିଜ ବେପାର
ସଭିଏଁ କରନ୍ତି ଯୌତୁକ ଆଶା
ଆଜି କାଲିର ବାହାଘର........

ସମୟେ ହେଉନାହିଁ ହୋମ ଯଜ୍ଞ
ଲୋକେ କହନ୍ତି ଦିନସାରା ଲଗନ
ନିମନ୍ତ୍ରଣରେ ଆଠଟାରେ ଭୋଜନ
ହେଲେ ଖାଇବାଟା ବାର ଆଗମନ !

ବର ବଧୂଙ୍କୁ ଆଶ୍ରିବାଦ ଦେବା ଭୁଲି
କେତେ ଟଙ୍କା ଦେବ ତାହାର ଚିନ୍ତା
ଭୂଜି ଭାତ କେମିତି ଅଧିକା ମିଳିବ
ସେଥିରେ ଝରଇ ତା ସ୍ନେହ ମମତା !

ଝିଅ ଶିଖୁଅଛି କେମିତି କାନ୍ଦିବ ଯେ
ଖରାପ ନ ହେଉ ମେକପ ଲୁହରେ
ଭଲ ଭାବେ ଯଦି କାନ୍ଦି ନ ଜାଣଇ
କଣ କହିବେ ଲୋକେ ବିବାହରେ !

ବାହା ଘରେ ଆଗ ମଦ ଦରକାର
ନହେଲେ କୌଣସି କାର୍ଯ୍ୟ ହୁଏନା
ମଦ ପିଇ ଦେଲେ ବାହାରଇ ପଦ
କେତେ ଦେଖିବାକୁ ମିଳେ ବାହାନା !


♥ତେରେସିଂହା,ରିସିଡ଼ା,
କଳାହାଣ୍ଡି-୭୬୬୦୩୧
ମୋ - ୬୩୫୩୩୭୪୫୦୯


## ଉଦାସ
### ଭାଗୀରଥି ସାଗର



ତୁ
ଆସୁ ହଠାତ୍ ଯେ
ଦୂରେଇ ଯାଏ ହସ।
ପଦାର୍ପଣ କରେ ନୈରାଶ୍ୟ।
ତୁ! ଧଡ ଧଡ ପଶି ଆସିଲେ
ଧଡକି ଯାଏ ଛାତି,ବଢେ
ହୃତପିଣ୍ଡର ସ୍ପନ୍ଦନ। ଶୁଖିଯାଏ
ଦପ୍ ଦପୁ ଥିବା ବଦନ।
କାହିଁକି ଆସୁ ତୁ ବିନା
ନିମନ୍ତ୍ରଣରେ, ତତେ କ'ଣ
କେହି ପାଆନ୍ତି ଭଲ ? ତୋ
ଠୁଁ ଦୂରେଇ ରହିବାକୁ ମଣିଷ
ଚାହେଁ, କାହିଁକି ତତେ ଡାକିବ
ଯେ ତୁ ନିଷ୍ଠୁର,ଦେଉ କଷଣ,
କଠୋର ଶାସ୍ତି।
ତୁ ଆସିଲେ ଲୁଚେ ସୁଖ

ମଣିଷ ପାଲଟେ ମୁକ
ସଫଳ ହୁଏ ବିଫଳ।
କାହିକିଁନା ତୁ ଅସଫଳର
ଅନ୍ତରଙ୍ଗ ସାଥୀ।ଦାରିଦ୍ର୍ୟରେ
ଉବୁଟୁବୁ ହେଉଥିବା ଅନାଥ ମନେ
ଭରିଦେଉ ଥିବା କଳା ମଚ ମଚ ଅନ୍ଧାର
ବାଦଲ।ତୁ ଆନା... ମଣିଷ ଛାଇଁ
ମାଡ଼ନା।


♥ଜୁନାଗଡ,କଳାହାଣ୍ଡି
ମୋ -୯୩୩୭୬୨୪୮୯୯


## ଫଗୁଣ ଆସିଛି ମିତ
### ନଳିନୀ ଦାଶ



ଋତୁ ପରେ ଋତୁ ବଦଳି ଯାଉଛି
ଫଗୁଣ ଆସିଛି ମିତ
କାକର ପଡୁନି କୁହୁଡି ଘେରିନି
ଫେରିତ ଗଲାଣି ଶୀତ ।
ଶୁଭିଲାଣି କାନେ ରଙ୍ଗ ବେରଙ୍ଗର
ଚଢ଼େଇଙ୍କ ମିଠା ଗୀତ
କୁହୁ କୁହୁ ତାନେ କୋଇଲି ଗାଉଛି
ସବୁରି ହରଷ ଚିତ୍ତ ।
ଫୁଲର ଫଗୁଣେ ଧରା ମହକୁଛି
ଛୁଟୁଛି ବଉଳ ବାସ
ଗୋଲାପ କେତକୀ କୃଷ୍ଣଚୂଡ଼ା ମୁଖେ
ଫୁଟିଛି ମଧୁର ହସ ।
ବନ ଉପବନେ କଁଅଳି ପତର
ଦିଶୁଅଛି ଭାରି ଶୋଭା
ଧରଣୀ ହସୁଛି ରୂପ ଝଲକରେ
ଫୁଲ ଫଳେ ମନଲୋଭା ।
ସ୍ୱଚ୍ଛ ନିରିମଳ ଦିଶେ ନଦୀ ଜଳ
ଗାଉଛି ବସନ୍ତେ ଗୀତ
କୁଳୁ କୁଳୁ ହୋଇ ବହୁଛି ଝରଣା
ଫୁଲ ସାଥେ ବସି ମିତ ।
ପ୍ରଭୁ ଶିବଙ୍କର ଫଗୁଣ ମାସରେ
ହୁଅଇ ଜାଗର ଯାତ

ଭକତିରେ ବ୍ରତ ପାଳନ କରନ୍ତି
ଶୁଦ୍ଧ ଚିତ୍ତରେ ଭକତ ।
ନାହିଁତ ବରଷା ବତାସ ଓ ଶୀତ
ମନରେ ହୋଇ ହରଷ
ଚାଷୀ ଭାଇ କରେ କ୍ଷେତରେ ତାହାର
ପନିପରିବାକୁ ଚାଷ ।
ସଜ ହୋଇଲାଣି ଦୋଳ ବିମାନଟି
ଫଗୁଣରେ ଦୋଳ ଯାତ
ଚାଚେରୀ ଭୋଗରେ ରାଧାକୃଷ୍ଣ ପୂଜା
ହସି ଉଠିବ ଜଗତ ।
ଫଗୁରଙ୍ଗ ବୋଳି ଫଗୁଣେ ଆସିବେ
ହସିବ ପୁନେଇଁ ଜହ୍ନ
ଲଉଡି ଖେଳରେ ହୋଲି ଅବିରରେ
ସବୁରି ହରଷ ମନ ।


♥ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ: ୯୨୩୮୯୯୬୬୪୯


## ଅଦୃଶ୍ୟ ମଞ୍ଚ
### ମନୋରଞ୍ଜନ ବିସୋଇ



ଡକ୍ଟର ମନୋରଞ୍ଜନ ବିଷୋୟୀ
ନିୟତିର ମଞ୍ଚରେ
ଆମେ ସବୁ ଏକତ୍ରୀତ ।
ଆପଣାର ଜୀବନ କାହାଣୀ
ଏ ମଞ୍ଚରେ ହୁଏ ଅଭିନୀତ ।
ହେଲେ ମଞ୍ଚର ସଂଳାପ
କ'ଣ ଆଙ୍କିପାରେ
ପାଇଥିବା ଆଘାତର ଚିତ୍ର ?
କିଏ ଅବା ଜାଣିଥିଲା
ସ୍ୱପ୍ନ ଦେଖିଲେ
ସହିବାକୁ ପଡ଼େ
ଏତେ ଯେ ଆଘାତ ।
ତେଣୁ ଅଭିନୟ କଲାବେଳେ
ଅଭିନେତା କହିଥାଏ
ମୃତ୍ୟୁର ସଂଳାପ ।

ତଥାପି ଅବୁଝା ମନଟାକୁ ବୁଝାଇ
ଯାହା ଘଟୁଛି ଆମେ ତାକୁ
ନୀରବରେ କରୁ ପ୍ରଣିପାତ ।
କାରଣ କିଏ ଅବା କହିପାରିବ
ଯାହା ଘଟୁଛି ଆଉ ଘଟିବ
ଏସବୁ କାହାର ଆଦେଶ ।


♥ଦାମୋଦରପୁର, ଗଂଜାମ
ମୋ: ୮୮୯୫୧୪୧୭୨୭


## ନିରବ ପ୍ରାର୍ଥନା
### ଆକାଂକ୍ଷା ମିଶ୍ର



ମାନ ଅଭିମାନ ସବୁ ମୂଲ୍ୟହୀନ
ମଣିଷ ବଞ୍ଚିବା ପାଇଁ
ନିଜ ନିଶ୍ୱାସକୁ ଭରସା ପାଉନି
ଜୀବନର ମାନେ ଏହି ।
ଅଢେଇ ଦିନିଆ କୁଣିଆ ସଭିଏଁ
ଯିବା ଆଗପଛ ହୋଇ
ଗର୍ବ ଅହଙ୍କାର ରାଗ ରୋଷ ପୁଣି
କରିବା ଯେ କାହିଁ ପାଇଁ ? ।
କାନ୍ଦୁଥିଲେ ସିଏ ଲୁହପୋଛି ଦିଏ
ଦୁଃଖରେ ହୁଏ ଯେ ଦୁଖୀ
ଆସେ ନାହିଁ କେବେ ବିପଦ ତା ପାଇଁ
ସାହାତାର ଚକାଆଖି ।
ଜନ୍ମ ଜନ୍ମାନ୍ତର ସମ୍ପର୍କ ଥାଉ ହେ
ଜଗା ତୁମ ସାଥେ ମୋର
ଭଲରେ ଥାଏକି ମନ୍ଦରେ ଥାଏ ମୁଁ
ଜାଣି କରିବନି ଦୂର ।

ଆଖିରେ ଦେଖୁଛି ହସୁଚି ଅଧର୍ମ
ଧର୍ମ ଗଡ଼ାଉଚି ଲୁହ
ତଥାପି କହୁଛି କହୁଥିବି ପ୍ରଭୁ
ଧର୍ମର ହେବ ଜୟ।


♥ମଲ୍ଲୀପୁର (ନିଆଳ )
ଖୋର୍ଦ୍ଧା
ଆର୍ଯ୍ୟଭଟ୍ଟ ଏନସିଏଣ୍ଟ ଏକାଡେମୀ
ଖୋର୍ଦ୍ଧା
ମୋ: ୯୯୩୮୦୨୦୧୨୦

# ଚାଷୀଙ୍କ ଦୁଃଖ: ଗ୍ରାମ ନିକଟରେ ଝଞ୍ଜାବତୀ ନଦୀ ବୋହୁଛି, ଜମିରେ ପାଣି ମାଡୁନି

## ଚେକ ଡ୍ୟାମ୍ ଅଛି କିନ୍ତୁ କାମକୁ ଆସୁନି, ଚାଷ ପାଇଁ ବର୍ଷା ହିଁ ଭରସା

ରାୟଗଡ଼ା, ୦୪/୩ (ନି.ପ୍ର): ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲାରେ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅନେକ ସ୍ଥାନରେ ଚେକ୍ ଡ୍ୟାମ ନିର୍ମାଣ କରାଯାଇଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ଡ୍ୟାମ୍‌ଗୁଡ଼ିକ ନିର୍ମାଣ ହୋଇଥିବା ବେଳେ ଚାଷ ଜମିକୁ ପାଣି ମାଡୁନାହିଁ। ଫଳରେ ଏକର ଏକର ଚାଷ ଜମିରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ରୋଜଗାର ନପାଇ ଗ୍ରାମାଚଂଳର ଲୋକେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲିଯାଉଛନ୍ତି। ଚାଷ ଜମିକୁ ପାଣି ମାଡିବା ପାଇଁ ସରକାର କିଛି ବ୍ୟବସ୍ଥା ନକଲେ ଆଗାମୀ ସାଧାରଣ ନିର୍ବାଚନରେ ଲୋକେ ଭାଗ ନେବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଚାଷ ଜମିକୁ ପାଣି ମାଡୁନାହିଁ। ଫଳରେ ପ୍ରତିବର୍ଷ ମରୁଡ଼ି ପରିସ୍ଥିତିର ଶିକାର ହଉଛୁ। ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେଲେ ମଧ୍ୟ କୌଣସି ସୁଫଳ ମିଳୁନି। ଏଣୁ ଆଗାମୀ ନିର୍ବାଚନରେ ଆମେ ସମୂହ ଭୋଟ ବର୍ଜନ କରିବୁ। ପ୍ରଶାସନକୁ ଏପରି କଡ଼ା ଚେତାବନୀ ଦେଇଛନ୍ତି ରାୟଗଡ଼ା ସଦର ବ୍ଲକ ତାଡମା ପଚାଂୟତ ଅନ୍ତର୍ଗତ କଲିଂ ଗ୍ରାମର ଲୋକେ। ଏହି ଆଦିବାସୀ ଅଚଂଳରେ ଜଳସେଚନର ସୁବିଧା ନଥିବା ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପ୍ରତିବର୍ଷ ଫସଲ ଠିକ ଭାବେ ହେଉନାହିଁ। ଲୋକେ ବର୍ଷାକୁ ଅପେକ୍ଷା କରି ଚାଷବାସ କରୁଥିବା ବେଳେ ବର୍ଷା ନହେଲେ ଫସଲ ହୁଏନାହିଁ। ଫଳରେ ଲୋକେ ବାଧ୍ୟ ହୋଇ କାମଧନ୍ଦା ନପାଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲିଯାଉଛନ୍ତି। କେବଳ ସରକାରଙ୍କ ପକ୍ଷରୁ ମିଳୁଥିବା ପିଡିଏସ୍ ଚାଉଳ ପାଇ ଲୋକେ ଅଭାବରେ ଜୀବନ କାଟୁଛନ୍ତି। କଲିଂ ଗ୍ରାମ ନିକଟ ଦେଇ ଚିରସ୍ରୋତା ଝଞ୍ଜାବତି ନଦୀ ପ୍ରବାହିତ ହଉଥିବା ବେଳେ ପାଣି ଜମିକୁ ମାଡୁନାହିଁ। ଗତ ୧୦ ବର୍ଷ ତଳେ ଏନଆରଇଜିଏସ ଯୋଜନାରେ ୫ ଲକ୍ଷ ଟଙ୍କା ବ୍ୟୟରେ ନଦୀର ପାଶ୍ୱର୍ରେ ଏକ ଚେକ ଡ୍ୟାମ୍ ନିର୍ମାଣ ହୋଇଥିଲା। କିନ୍ତୁ ସଠିକ ସ୍ଥାନରେ ଡ୍ୟାମ୍ ନିର୍ମାଣ



ହୋଇନଥିବା ବେଳେ ଏହା ଶୁଖିଲା ପଡ଼ି ଜଙ୍ଗଲରେ ପରିଣତ ହୋଇଗଲାଣି। ଫଳରେ ଡ୍ୟାମ୍ ମାଧ୍ୟମରେ ପାଣି ଜମିକୁ ମାଡୁନାହିଁ। ଫଳରେ ସ୍ଥାନୀୟ ଲୋକେ ନିଜ ପରିଶ୍ରମରେ ନଦୀରେ ବନ୍ଧ ପକାଇ ଟିଣ ଯୋଗେ ପାଣି ଆଣି ମାତ୍ର ୩ ରୁ ୪ ଏକର ଜମିରେ ପନିପରିବା ଚାଷ କରିପାରୁଥିବା ବେଳେ ବାକି ୫୫ ଏକର ଚାଷ ଜମି ପଡ଼ିଆ ପଡୁଛି ବୋଲି କହିଛନ୍ତି କଲିଂ ଗ୍ରାମର ନାଗେଶ୍ୱର କାଡ୍ରାକା ଓ କୁମୁଟି କାଡ୍ରାକା। ଏହି ଗ୍ରାମରେ ପାଖାପାଖି ୬୬ଟି ପରିବାର ବାସ କରନ୍ତି। ଏମାନଙ୍କର ମୂଖ୍ୟ ଜୀବିକା ଚାଷ। କିନ୍ତୁ ପାଣିର ଅଭାବ ଯୋଗୁଁ ରବି ଋତୁରେ ମଧ୍ୟ ଚାଷ ଜମି ଆଁ କରିଥିବା ଦେଖିବାକୁ ମିଳିଛି। ଲୋକେ ଆର୍ଥିକ ସ୍ୱଚ୍ଛଳ ନଥିବା ଯୋଗୁଁ ଅଭାବ ଅନାଟନରେ ଜୀବନ ବିତାଉଛନ୍ତି। ଚଳିତ ବର୍ଷ ଫସଲ ଭଲ ନହବାରୁ କଲିଂ ଗ୍ରାମର ଅନେକ ଲୋକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲିଯାଇଛନ୍ତି। ତୁରନ୍ତ ଜିଲ୍ଲା ପ୍ରଶାସନ ଚେକ୍ ଡେମର ପୁନରୁଦ୍ଧାର କରି ଚାଷ ଜମିକୁ ପାଣି ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ନଚେତ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ କ୍ଷୁଦ୍ର ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ସ୍ଥିତିର ଅନୁଧ୍ୟାନ କରାଯାଇ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।

# ନେହେରୁ ଯୁବକେନ୍ଦ୍ର ଫୁଲବାଣୀ ତରଫରୁ ଜିଲ୍ଲାସ୍ତରୀୟ ଯୁବ ସମ୍ବିଧାନ କାର୍ଯ୍ୟକ୍ରମ

କନ୍ଧମାଳ, ୦୪/୩ (ନି.ପ୍ର): ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ତରଫରୁ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଫୁଲବାଣୀ ଠାରେ ଜିଲ୍ଲା ସ୍ତରୀୟ ଯୁବ ସମ୍ବିଧାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଡ. ଅନନ୍ତ ଚରଣ ମିଶ୍ର ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଆଇନ ଯିବି ବିଜୟ କୃଷ୍ଣ ପଟ୍ଟନାୟକ , ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱକ୍ଷତି ର ସମ୍ପାଦକ ଇଞ୍ଜିନିୟର ହରିଶଙ୍କର ରାଉତ, ଅବସର ପ୍ରାପ୍ତ ସ୍କୁଲ ଏ ସ ଆଇ ନବ କିଶୋର ରଥ, ଜାତୀୟ ଯୁବ ପ୍ରକଳ୍ପ ଅଧିକାରି ଭୁବନେଶ୍ୱରର ମଧୁ ସୁଦନ ଦାସ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଫୁଲବାଣୀର ଦେବାଶିଷ ମିଶ୍ର, ଶିଶୁ ସୁରକ୍ଷା କମିଟିର ସଦସ୍ୟ ପ୍ରଫେସର ପ୍ରସନ୍ ବିଶୋଇ, ନର୍ସିଂ କଲେଜ କନ୍ଧମାଳ ର ଅଧ୍ୟାପକ ଝରଣା ପଟ୍ଟନାୟକ, ବବିତା ରାଣୀ ସାହୁ,ଜି ଏନ୍ ଏମ କଲେଜ ର ଅଧ୍ୟାପକ ମମତା ତ୍ରିପାଠୀ ଏବଂ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ର ଜିଲ୍ଲା ଯୁବ ଅଧିକାରୀ ନଭନିତ କୁମାର୍ ଏବଂ ସହ କର୍ମୀ ସତ୍ୟବାନ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠିତ କାର୍ଯ କୁ କନ୍ଧମାଳ ଜିଲ୍ଲା ର ବିଭିନ୍ନ ବ୍ଲକ ଭାଇ ଓ ଭଉଣୀ ମାନେ ଅଂଶ ଗ୍ରହଣ କରିଥିଲେ। ଅନୁଷ୍ଠିତ କାର୍ଯକ୍ରମରେ ଅତିଥି ବୃନ୍ଦ ବିକସିତ ଭାରତ ଉପରେ ବିଭିନ୍ନ ଦିଗ ଉପରେ ନିଜ ନିଜର ଅଭିଭାଷଣ ଉପସ୍ଥାପନା କରିଥିଲେ। ଯୁବ ଭାଇ ଓ ଭଉଣୀ ମାନଙ୍କ ମଧ୍ୟରେ ଏକ ମକ ପାର୍ଲିଆମେଣ୍ଟ ଅନୁଷ୍ଠିତ ହୋଇଥିଲା। ଯୁବ ଭାଇ ଓ ଭଉଣୀ ମାନେ ବିଭିନ୍ନ ଭୂମିକାରେ ଯଥା ମନ୍ତ୍ରୀ, ସାଂସଦ, ସଚିବ, ଇତ୍ୟାଦି ଭୂମି କକ୍ଷରେ ରହି ବିଭିନ୍ନ ବିଷୟ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଅନୁଷ୍ଠିତ କାର୍ଯକ୍ରମର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଥିବା ଭାଇ ଓ ଭଉଣୀ ମାନଙ୍କୁ ଅବଗତ କରିଥିଲେ । ଯୁବ ଭାଇ ଓ ଭଉଣୀ ମାନେ ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରିଥଲେ। ବୈଠକରେ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀର ସହ କର୍ମୀ ସତ୍ୟବାନ ଦଳବେହେରା ମୂଖ୍ୟ ଅତିଥି, ସମ୍ମାନୀତ ଅତିଥି ଓ ଉପସ୍ଥିତ ଭାଇ ଓ ଭଉଣୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ସ୍ୱେଚ୍ଛାସେବୀ ଚନ୍ଦ୍ର ମୋନି ଦେହୁରୀ ଧନ୍ୟବାଦ ଅର୍ପଣ କରି ସଭା ଭଙ୍ଗ କରିଥିଲେ।

## ସରକାରୀ ଆଶ୍ରମ ବିଦ୍ୟାଳୟ କୋଳିମାଟିର ବାର୍ଷିକ ଉତ୍ସବ

ଘଟଗାଁ, ୦୪/୩ (ନି.ପ୍ର): କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ କୋଳିମାଟି ପଂଚାୟତ ଅନ୍ତର୍ଗତ ସରକାରୀ ଆଶ୍ରମ ବିଦ୍ୟାଳୟ କୋଳିମାଟିର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ସାହୁଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ, ମୁଖ୍ୟ ବକ୍ତା ଭାବେ ଆନନ୍ଦପୁର ଅତିରିକ୍ତ ମଙ୍ଗଳ ଅଧିକାରୀ ବିଜୟ କୁମାର ପୁର୍ତ୍ତି, ସମ୍ମାନିତ ଅତିଥି ଭାବରେ ପମ୍ପକେଶ୍ୱର ଉଚ୍ଚବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରତାପ କିଶୋର ନାୟକ, ସି ଆର ସି ସି ଭାରତ ଚନ୍ଦ୍ର ପାତ୍ର, କୋଳିମାଟି ସରପଂଚ ଦମୟନ୍ତୀ ନାୟକ, ଅବସରପ୍ରାପ୍ତ ଶିକ୍ଷକ ପ୍ରକାଶ କୁମାର ମହାନ୍ତି, କୁମୋଡ ବାଳିକା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାଇଧର ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦସରଥ ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ପ୍ରିୟାଲକ୍ଷ୍ମୀ ସା ବାର୍ଷିକ ବିବରଣୀ ପାଠ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବନଫୁଲର ମହକ ବିଦ୍ୟାଳୟର ପତ୍ରିକାକୁ ଉନ୍ମୋଚନ କରିଥିଲେ ଏବଂ ବାର୍ଷିକ କ୍ରିଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ନିମନ୍ତ୍ରିତ ଅତିଥି ମାନେ ପୁରସ୍କୃତ କରିଥିଲେ । ଶିକ୍ଷୟତ୍ରୀ ପ୍ରିୟାଲକ୍ଷ୍ମୀ ସା ଧନ୍ୟବାଦ ଅର୍ପଣ କରିଥିଲେ।

# ମୁଣ୍ଡପିଛା କ୍ଷୀରର ଚାହିଦା ୩୦୦ ଗ୍ରାମ: ଓଡ଼ିଶାରେ ୧୪୪ ଗ୍ରାମ

ଭୁବନେଶ୍ୱର, ୦୪/୩ (ନି.ପ୍ର): ଇଣ୍ଡିଆନ କାଉନସିଲ୍ ଅଫ ମେଡିକାଲ ରିସର୍ଚ୍ଚ ଅନୁଯାୟୀ, ଦୈନିକ ମୁଣ୍ଡପିଛା କ୍ଷୀରର ଚାହିଦା ୩୦୦ ଗ୍ରାମ। ଜାତୀୟ ସ୍ତରରେ ଦୁଗ୍ଧର ଉପଲବ୍ଧତା ୪୪୪ ଗ୍ରାମ। କିନ୍ତୁ ଓଡ଼ିଶା ଭଳି କୃଷି ଏବଂ ପଶୁପାଳନ ପ୍ରଧାନ ରାଜ୍ୟରେ ଏହା ମାତ୍ର ୧୪୪ ଗ୍ରାମ ରହିଛି ବୋଲି ସୂଚନା ଦେଇଛନ୍ତି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ରାଜ୍ୟରେ କ୍ଷୀର ଉତ୍ପାଦନ ବୃଦ୍ଧି ପାଇଁ ଘାସ ଚାଷ, ପ୍ରାଣୀ ବୀମା ଯୋଜନା, ପ୍ରାଣୀ ଚିକିତ୍ସା ସେବା, ଗୋପାଳନ ଦକ୍ଷତା ତାଲିମ କାର୍ଯ୍ୟକ୍ରମ ଭଳି ୧୦ ପ୍ରକାର ବିଭିନ୍ନ ପ୍ରକାର ଯୋଜନା ରହିଥିବା ପ୍ରାଣୀ ସମ୍ପଦ ବିଭାଗ ବାରମ୍ବାର କହି ଆସୁଛି। ଏହା ସତ୍ତ୍ୱେ ଓଡ଼ିଶାରେ କ୍ଷୀର ଅଭାବି ଗୋଟିଏ ବଡ଼ ପ୍ରସଙ୍ଗ ଭାବେ ଉଭା ହେଲାଣି। ଦୁଗ୍ଧ ଚାଷୀ ମହାସଂଘ କହିଛି, ରାଜ୍ୟରେ ୯୯.୦୩ ଲକ୍ଷ ଗୋ-ସମ୍ପଦ ଅଛନ୍ତି। ପ୍ରତିଦିନ ରାଜ୍ୟରେ ୬୫ ଲିଟର କ୍ଷୀର ଉତ୍ପାଦିତ ହେଉଛି। ୮୦ ଦଶକରେ ଯେଉଁ ଓମ୍‌ଫେଡ ୨ ଲକ୍ଷ ୭୮ ହଜାର ଚାଷୀଙ୍କ ଠାରୁ ୬ ଲକ୍ଷ ୩୦ ହଜାର ଲିଟର କ୍ଷୀର ସଂଗ୍ରହ କରୁଥିଲା ଏବେ ସେହି ସଂସ୍ଥା ମାତ୍ର ୪.୧୦ ଲକ୍ଷ ଲିଟର ସଂଗ୍ରହ କରୁଛି। ଘରୋଇ କମ୍ପାନି ମଧ୍ୟରେ ମିଲ୍‌କ ମୁ ଦୈନିକ ୧.୨୦ଲକ୍ଷ ଲିଟର, ପ୍ରଗତି ୧.୫୦ ଲକ୍ଷ ଲିଟର ସଂଗ୍ରହ କରୁଛି। ଚୌଦ୍ୱାରରୁ ଓଡ଼ିଶା ଡାଏରି, ମୟୂରଭଞ୍ଜ କ୍ଷୀର ବିହାର-ଝାଡ଼ଖଣ୍ଡର ସୁଧା ଡାଏରି, ଗଞ୍ଜାମ, କୋରାପୁଟ, ମାଲକାନଗିରିର କ୍ଷୀର ଆନ୍ଧ୍ରପ୍ରଦେଶର ହେରିଟେଜ, ବିଶାଖା ଡାଏରି କମ ମୂଲ୍ୟରେ ସଂଗ୍ରହ କରୁଛନ୍ତି। ହୋଟେଲ ବ୍ୟବସାୟୀ ଦେଉଥିବା ପ୍ରାପ୍ୟ ଆହୁରି କମ। ଚାଷୀ ଉତ୍ପାଦନର ଉପଯୁକ୍ତ ପ୍ରାପ୍ୟ ନ ପାଇବା ନେଇ ମହାସଂଘର ରବି ବେହେରା କହିଛନ୍ତି, କେବଳ ଓଡ଼ିଶା ନୁହେଁ ସମଗ୍ର ଦେଶରେ ଆଜି ପର୍ଯ୍ୟନ୍ତ କ୍ଷୀର ପାଇଁ ଏମ୍‌ଏସ୍‌ପି ନିର୍ଦ୍ଧାରଣ କରାଯାଇ ପାରିନାହିଁ। ଅର୍ଥାତ ଓମଫେଡ୍ କମ୍ପାନି ଚାଷୀଙ୍କ ଠାରୁ ୧ ଲିଟର ପିଛା ୩୨ରୁ ୩୪ ଟଙ୍କାରେ କ୍ଷୀର ସଂଗ୍ରହ କରି ଖାଉଟିଙ୍କୁ ୫୨ ଟଙ୍କାରେ ବିକ୍ରି କରୁଛନ୍ତି। ମିଲ୍‌କ ମୁ ଓ ପ୍ରଗତି ୩୮ରୁ ୪୦ ଟଙ୍କାରେ କ୍ରୟ କରି ଖାଉଟିଙ୍କୁ ୫୮ ଟଙ୍କାରେ ବିକ୍ରି କରୁଛନ୍ତି। କିନ୍ତୁ ସେହି ପରିମାଣର କ୍ଷୀରର ପ୍ରାପ୍ୟ ୟୁପି, ବିହାର ଓ ରାଜସ୍ଥାନରେ ୬୦ ଏବଂ ମୁମ୍ବାଇରେ ୬୪ ଟଙ୍କା ରହିଛି। ଗୋଖାଦ୍ୟ କ୍ୱିଣ୍ଟାଲ୍ ୯୮୦ରୁ ୧୩୭୦ରୁ ୧୪୨୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ତେଣୁ ଖର୍ଚ୍ଚ ବଢ଼ିବାରେ ଲାଗିଛି। କିନ୍ତୁ ୨୦୨୧ ମସିହା ପର ଠାରୁ ଓମ୍‌ଫେଡକୁ କ୍ଷୀର ଦେଉଥିବା ଚାଷୀଙ୍କ ପ୍ରାପ୍ୟ ବୃଦ୍ଧି ପାଇ ନାହିଁ। ସାଧାରଣ ଚାଷୀଙ୍କୁ ବିନା ସୁଧରେ ଋଣ ମିଳୁଥିବା ବେଳେ କ୍ଷୀର ଚାଷୀଙ୍କୁ ୧୨ରୁ ୧୪ ପ୍ରତିଶତ ହାରରେ ସୁଧ ଦେବାକୁ ପଡୁଛି। ଏଥିଯୋଗୁଁ କ୍ଷୀର ଚାଷ ପ୍ରତି ଆଗ୍ରହ କମିବାରେ ଲାଗିଛି।

# ଆନ୍ଧ୍ର ଶୋଷୁଛି ମହେନ୍ଦ୍ରତନୟା ପାଣି: ବାଲିବସ୍ତା ପକାଇ ଉପର ମୁଣ୍ଡରେ ଅଟକାଉଛି ପାଣି

ପାରଳାଖେମୁଣ୍ଡି, ୦୪/୩ (ନି.ପ୍ର): ଓଡ଼ିଶା ସୀମାନ୍ତରେ ଅନୁପ୍ରବେଶ ପରେ ଏବେ ପିଇବା ପାଣି ଉପରେ ଆନ୍ଧ୍ରପ୍ରଦେଶର ଲୋଲୁପ ଦୃଷ୍ଟି। ଗୋଟିଏପଟେ ମୋଟର୍ ଲଗାଇ ପାଣିକୁ ଟାଣି ନିଆଯାଉଥିବା ବେଳେ ଅନ୍ୟପଟେ ବାଲିବସ୍ତା ପକାଇ ଉପରମୁଣ୍ଡରେ ପାଣିକୁ ଅଟକାଯାଉଛି। ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସହର ନିକଟରୁ ଏଭଳି ଚିନ୍ତାଜନକ ଚିତ୍ର ସାମ୍ନାକୁ ଆସିଛି। ଆନ୍ଧ୍ରପ୍ରଦେଶର ଏଭଳି ମନମୁଖି ନୀତି ଯୋଗୁ ସହରରେ ଆଗକୁ ଗ୍ରୀଷ୍ମରେ ପିଇବା ପାଣି ସଂକଟ ଉତ୍କଟ ରୂପ ଧାରଣ କରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। କେବଳ ଏତିକି ନୁହେଁ, ସହରର ଜୀବନରେଖା ଭାବେ ପରିଚିତ ମହେନ୍ଦ୍ରତନୟା ନଦୀର ଜଳଧାର ବି ଧୀରେ ଧୀରେ ଶୁଖିବାରେ ଲାଗିଛି। ପାରଳାଖମୁଣ୍ଡି ସହରର ୧୬ଟି ୱାର୍ଡ ଓ ଉପକଣ୍ଠ ଗୋଷାଣୀ ବ୍ଲକ୍ ଏବଂ କାଶୀନଗର ବ୍ଲକ୍‌ର କିଛି ଗ୍ରାମାଞ୍ଚଳକୁ ମହେନ୍ଦ୍ରତନୟା ନଦୀରୁ ପାଣି ଯୋଗାଣ ହେଉଛି। ତେବେ ଗତ



କିଛିମାସ ହେଲା ବର୍ଷାଭାବରୁ ନଦୀ ଶୁଖିଲା ପଡ଼ିଛି। ଜଳସ୍ତର କମିଥିବା ବେଳେ ନଦୀର ମଧ୍ୟଭାଗରେ କିଛି ଜାଗାରେ ପଙ୍କ ଭାସୁଥିବା ଦେଖିବାକୁ ମିଳିଛି। ଏଭଳି ପରିସ୍ଥିତିରେ ଉପରମୁଣ୍ଡରେ ଆନ୍ଧ୍ରପ୍ରଦେଶ ନଦୀର ପାଣିକୁ ଅଟକାଇ ରଖିଥିବା ଅଭିଯୋଗ ସାମ୍ନାକୁ ଆସିଛି। ପମ୍ପସେଟ୍ ମାଧ୍ୟମରେ ପାଣି ଉଠାଇ ସେହି ଅଞ୍ଚଳର ବନ୍ଧ ଓ ପୋଖରୀକୁ ଭର୍ତ୍ତି କରାଯାଉଛି। ଏପରିକି ଚାଷକାମରେ ବ୍ୟବହାର ହେଉଛି। ବିଶେଷକରି, ଆନ୍ଧ୍ରପ୍ରଦେଶର ରାଟିଣୀ ଗ୍ରାମର ଉପରମୁଣ୍ଡରେ ଥିବା ମାକନାପଲ୍ଲୀ ଗ୍ରାମବାସୀ ନଦୀ ପାଣିକୁ ମୋଟର୍ ଦ୍ୱାରା ଉଠାଇ ନେଉଛନ୍ତି। କେବଳ ଏତିକି ନୁହେଁ, ନଦୀର ଅଧିକ ଖାଲ ଥିବା ସ୍ଥାନ ଚାରିପଟେ ବାଲିବସ୍ତା ପକାଇ ପାଣିକୁ ଅଟକାଯାଉଛି । ପରେ ଏହି ପାଣିକୁ ପମ୍ପ ମାଧ୍ୟମରେ ଉଠାଯାଇ ଗ୍ରାମର ଆଖପାଖରେ ଥିବା ପୋଖରୀ ଭର୍ତ୍ତି କରାଯାଉଛି। ସେହିଭଳି, ପାରଳା ସହର ଉପକଣ୍ଠ ପୁରୁଣାପାଟଣା ମଣ୍ଡଳମ୍‌ରେ ମଧ୍ୟ କେତେକ ସ୍ଥାନରେ ଚାଷୀମାନେ ମୋଟର୍ ମାଧ୍ୟମରେ ଦିନତମାମ ପାଣି ଉଠାଉଛନ୍ତି। ଏଭଳି ପରିସ୍ଥିତି ଜାରି ରହିଲେ, ଆଗକୁ ନଦୀର ଜଳସ୍ତର ସଂପୂର୍ଣ୍ଣ ଭାବେ କମିବା ସହ ପାରଳାଖେମୁଣ୍ଡିରେ ପାଣି ଆବଶ୍ୟକତା ମେଣ୍ଟାଇବା କଷ୍ଟସାଧ୍ୟ ହେବ। ଏଣୁ ଜିଲ୍ଲା ପ୍ରଶାସନ ଆଗୁଆ ପଦକ୍ଷେପ ନେବାକୁ ଦାବି ହୋଇଛି।

## ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ଉଦ୍ୟାପିତ

ସମ୍ବଲପୁର, ୦୪/୩ (ନି.ପ୍ର): ସମ୍ବଲପୁର ସହର ଉପକଣ୍ଠ ସିନ୍ଦୁରପଙ୍କ କେନଘାଟି ସ୍ଥିତ ଶ୍ରୀରାମ ବାଟୀକା ପରିସରରେ ଅନୁଷ୍ଠିତ ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ଆଜି ମହାସମାରୋହରେ ଉଦଯାପିତ ହୋଇଯାଇଛି । ଗତ ଗୁରୁବାର ତାରିଖରେ ଅଧିବାସ ଓ ଶୁକ୍ରବାର ଦିନ ନାମ ଆରମ୍ଭ ହୋଇଥିଲା । ୧ ତାରିଖରେ ଶ୍ରୀନାମ , ୨ ତାରିଖରେ କାଶୀରୁ ନିମନ୍ତ୍ରିତ ଶ୍ରୀ ଶ୍ରୀ ଭରତ ଦାସ ମହାରାଜ ଓ ତାଙ୍କ ସହ ଆସିଥିବା ସାଧୁସନ୍ଥ, ମହନ୍ତ ମାନଙ୍କ ସେବା ପର୍ବ ପାଳନ କରାଯାଇଥିଲା। ଆଜି ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ପୂର୍ଣାହୁତି ଓ ନଗର କୀର୍ତନ ଓ ଫଗୁଖେଳ ଅନୁଷ୍ଠିତ ହୋଇଥିଲା । ଆଖପାଖ ଅଂଚଳର ପ୍ରାୟ ୧୫ ରୁ ଉର୍ଦ୍ଧ୍ୱ ସଂକୀର୍ତନ ଦଳ ଏହି ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞରେ ଯୋଗ ଦେଇଥିଲେ ।

# ଅନ୍ଧାରରେ ୩୯୮ ଆଦିମ ଜନଜାତି ଗାଁ: ବିକାଶ ଏଠି ସାତସପନ, ଗଜପତି ସ୍ଥିତି ସଙ୍ଗିନ

ଭୁବନେଶ୍ୱର, ୦୪/୩ (ନି.ପ୍ର): ଏମାନେ କ'ଣ ଓଡ଼ିଶାର ନୁହଁନ୍ତି ଆଗାମୀ ନିର୍ବାଚନରେ ଏମାନେ କଣ ଭୋଟ ଦେବେନି ? ଯଦି ହଁ, ତେବେ ଆଜିବି କେମିତି ଅନ୍ଧାରରେ ଅଛନ୍ତି ଓଡ଼ିଶାର ୩୯୮ ଆଦିମ ଜନଜାତି ଜନବସତିର ୩୨୯୧ ପରିବାର ଏଭଳି ଗୋଟିଏ ପ୍ରଶ୍ନ ଏବେ ବୁଦ୍ଧିଜୀବୀ ମହଲକୁ ଚକିତ କରୁଛି। ଏମାନଙ୍କ ମଧ୍ୟରେ ଗଜପତି ଜିଲ୍ଲାର ସର୍ବାଧିକ ଜନବସତି ରହିଛି। ଖଣି ଅଞ୍ଚଳ କେନ୍ଦୁଝର, ଅନୁଗୁଳ ଜିଲ୍ଲା, ରାୟଗଡ଼ାର ଜନବସତିକୁ ବି ବିକାଶ ପହଞ୍ଚି ନାହିଁ। କେବେ ସେମାନେ ନିଜ ଘରେ ବିଦ୍ୟୁତ୍ ବଲ୍ ଜାଳିବେ, ତାହାର ଉତ୍ତର କାହା ପାଖରେ ନାହିଁ। ବିଶ୍ୱର କୋଣ ଅନୁକୋଣରେ ପହଞ୍ଚିଲେଣି ୫ଜି ସେବା। ହେଲେ ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକ ଅନ୍ତର୍ଗତ ଆଦିମ ଜନଜାତି ଭୁଞ୍ଜିଆ ସମୁଦାୟ ପ୍ରଭାବିତ ଭୁଇପାଣି ଏବଂ ଛୁଇପାଣି ଏଭଳି ଦୁଇଟି ଗାଁ ଅଛି ଯେଉଁଠି ସଂଧ୍ୟା ହେଲେ ପିଲା ଡିବିରି ତଳେ ବହିର ଅକ୍ଷର ଖୋଜନ୍ତି। ବାଉଁଶରେ ତିଆରି କୁଲା, ଭୁଗା କରି ଜୀବିକା ନିର୍ବାହ କରନ୍ତି। ବିଜୁଳି ନଥିବାରୁ ଏହା ଉପରେ ନିର୍ଭରଶୀଳ ଜଳସେଚନ, ମୋବାଇଲ୍, ଇଣ୍ଟେରନେଟ୍ ସହିତ ସମସ୍ତ ପ୍ରକାର ସୁବିଧା ଏବଂ ନିର୍ମାଣ କାର୍ଯ୍ୟ ଏଠି



ସାତସପନ। ବିଭିନ୍ନ ସମୟରେ ସ୍ଥାନୀୟ ଅଧିବାସୀ ଏଠାରେ ବିଜୁଳି ପାଇଁ ଜିଲ୍ଲାପାଳଙ୍କୁ ଦାବି କରିଛନ୍ତି। ସମସ୍ତେ ହଁ ମାରିଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ଏଠି ବିଦ୍ୟୁତ୍ ତାର ସଂଯୋଗ କିମ୍ବା ଗ୍ରିଡ୍ ଲଗାଇବା ପାଇଁ ମଧ୍ୟ କୌଣସି ଉଦ୍ୟମ ହୋଇନଥିବା ଅଭିଯୋଗ ହୁଏ। ମୟୂରଭଞ୍ଜ ଜିଲ୍ଲାର ମାଙ୍କଡିଆ ସମୁଦାୟ ପ୍ରଭାବିତ ଖୁଣ୍ଟା ବ୍ଲକ ଅନ୍ତର୍ଗତ ଡେଙ୍ଗାମ, କାକରାଇକଚା ଆଜି ମଧ୍ୟ ଅନ୍ଧାରରେ। ଏହା କେବଳ ଉଦାହରଣ ମାତ୍ର। ରାଜ୍ୟର ଆଦିମ ଜନଜାତି ପ୍ରଭାବିତ ୩୯୮ ଜନବସତିରେ ଏହିଭଳି ସ୍ଥିତି ରହିଛି। ସରକାରୀ ସୂତ୍ର ଅନୁସାରେ, ଗ୍ରିଡ୍ ଜରିଆରେ ୧୩୭୦ ଏବଂ ଅଣଗ୍ରିଡ୍‌ରେ ୨୩୯ ପରିବାରଙ୍କୁ ସାମିଲ ପାଇଁ ପ୍ରସ୍ତାବ ରହିଛି। ଏଥିରେ ଗ୍ରିଡ୍ ?ର ୪୫୦ ଏବଂ ଅଣଗ୍ରିଡ୍‌ର ୩୮ ପରିବାର ବିଜୁଳି ସଂଯୋଗ ପାଇବା ନେଇ କାର୍ଯ୍ୟ ଜାରି ରହିଛି। ଆହୁରି ୧୧୨୧ ପରିବାର ରହିଯାଇଛନ୍ତି ଯାହାଙ୍କ ଘରେ ବିଜୁଳି ସଂଯୋଗ ପାଇଁ କୌଣସି ଯୋଜନା ପ୍ରସ୍ତୁତ ହୋଇ ପାରି ନାହିଁ। ୨୦୧୧ ଜନଗଣନା ଅନୁଯାୟୀ, ରାଜ୍ୟରେ ଆଦିମ ଜନଜାତି ୧୫ ବର୍ଗର ସମୁଦାୟ ଜନସଂଖ୍ୟା ହେଲା ୯୬ ଲକ୍ଷ। ଦେଶର ତୃତୀୟ ସର୍ବାଧିକ ଆଦିମ ଜନଜାତି ଓଡ଼ିଶାରେ ରୁହନ୍ତି। ୧୯୪୯ ମସିହା ଅଗଷ୍ଟ ୮ ତାରିଖର ନିଷ୍ପତ୍ତି ଅନୁସାରେ, ଧାରା ୨୭୫ ଅନ୍ତର୍ଗତରେ ଜନଜାତି ପ୍ରଭାବିତ ଅଞ୍ଚଳର ରାସ୍ତା, ପାନୀୟ ଏବଂ ବିଜୁଳି ସେବା ପାଇଁ କେନ୍ଦ୍ର ପକ୍ଷରୁ ରାଜ୍ୟ ସରକାରଙ୍କୁ ସ୍ୱତନ୍ତ୍ର ଅନୁଦାନ ଦିଆଯାଏ। ୨୦୧୭ ମସିହାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାବରେ ଓଡ଼ିଶା ଆଦିମ ଜନଜାତି ସଶକ୍ତୀକରଣ ଓ ଜୀବିକା ଉନ୍ନତୀକରଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି। ଏଥିସହିତ ବଣ୍ଡା, ମାଙ୍କଡ଼ିଆ ସମେତ ନିର୍ଦ୍ଦିଷ୍ଟ ଜନଜାତିଙ୍କୁ ନେଇ ଅନେକ ମାଇକ୍ରୋ ପ୍ରକଳ୍ପ ସ୍ୱାଧୀନତା ପର ଠାରୁ ବିଭିନ୍ନ ସମୟରେ କାର୍ଯ୍ୟ କରିଛି। ଏହା ସତ୍ତ୍ୱେ ବିକାଶର ଏଭଳି ଦୁର୍ଗତି ଅନେକ ପ୍ରଶ୍ନବାଚୀ ସୃଷ୍ଟି କରେ।

# ବନାଚଂଳ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ମାଲକାନଗିରି, ୦୪/୩ (ନି.ପ୍ର): ଉତ୍କଳ ସମ୍ମିଳନୀ ମାଲକାନଗିରି ଜିଲ୍ଲା ଶାଖା ତରଫରୁ ମାଲକାନଗିରି ବନାଚଂଳ ଅଧିକାରୀ ଜଗନ୍ନାଥପ୍ରସାଦ ବିଶୋୟୀଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ମାଲକାନଗିରି ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ବର୍ଦ୍ଧନା ସଭାରେ ଉତ୍କଳ ସମ୍ମିଳନୀ ମାଲକାନଗିରି ଜିଲ୍ଲା ଶାଖାର ସଭାପତି ଡଃ. ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର , ମୁଖ୍ୟବକ୍ତା ରୂପେ ବରିଷ୍ଠ ପ୍ରାଧ୍ୟାପକ ଅଶୋକ କୁମାର ଷଡ଼ଙ୍ଗୀ, ସମ୍ମାନୀତ ଅତିଥି ଭାବେ ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖାର ଉପସଭାପତି ତପନକୁମାର ବେହେରା, ସମ୍ପାଦକ ପ୍ରମିୟ ରଞ୍ଜନ ମହାନ୍ତି ଯୋଗ ଦେଇଥିଲେ। ଉତ୍କଳ ସମ୍ମିଳନୀର ଆଜୀବନ ସଦସ୍ୟ ତଥା ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ସଭାପତି ରବୀନ୍ଦ୍ର କୁମାର ମହାରଣା , ଆଜୀବନ ସଭ୍ୟ ପ୍ରକାଶ ଚନ୍ଦ୍ର ନାୟକ, ଜ୍ଞାନେନ୍ଦ୍ର ସ୍ୱାଇଁ, ସଭ୍ୟା ଅଙ୍ଗୁରବାଳା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉତ୍କଳ ସମ୍ମିଳନୀର ଉପ ସଭାପତି ତପନ କୁମାର ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ତତ୍ପରେ ସଭାପତିଙ୍କ ଅନୁରୋଧ କ୍ରମେ ଉପସ୍ଥିତ ସଭ୍ୟ ସଭ୍ୟା ମାନେ ବିଦାୟୀ ବନ ପାଳଙ୍କ ସ୍ମୃତିଚାରଣ କରିଥିଲେ। ମଂଚାସୀନ ଅତିଥିମାନେ ବିଦାୟୀ ବନାଚଂଳ ଅଧିକାରୀଙ୍କର ଭୂୟସୀ ପ୍ରଶଂସା କରିବା ସହ ନୂତନ କର୍ମକ୍ଷେତ୍ରରେ ସଫଳତାର ସହ କାର୍ଯ୍ୟ କରି ସୁନାମ ଅର୍ଜନ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଦାୟୀ ଅଧିକାରୀ ମାଲକାନଗିରି ଜିଲ୍ଲାର ବିଗତ ତିନି ବର୍ଷର ଅନୁଭୂତି ବର୍ଣ୍ଣନା କରି ଜିଲ୍ଲାର ସୁଖଦ ଅନୁଭୂତି ସଦାସର୍ବଦା ତାଙ୍କୁ ପ୍ରେରଣା ଦେବ ବୋଲି ପ୍ରକାଶ କରିଥିଲେ।


**OFFICE OF THE PRINCIPAL, ATAL BEHARI COLLEGE, BASUDEVPUR, BHADRAK, ODISHA**

**TENDER CALL NOTICE**

No: 421 Date: 04.03.24

Saled tenders in the prescribed format are invited from registered firms/ Dalers/ Suppliers having valid GST registration, PAN & IT clearance for supply of laboratory equipments & Furniture to the college so as to reach the undersigned through Registered Post/ Speed Post/ Courier/ By Hand latest by 5:00P.M. on or before 11.03.2024. The tender paper is available in the college office. The undersigned reserves the right to accept or reject any all bids or parts without assigning any reason what-so-ever.

Sd/- Principal

# ପାରାଦୀପ ବନ୍ଦର ଓ ଇଫକୋ ପକ୍ଷରୁ ୫୩ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନ




ପାରାଦୀପ, ୦୪/୩ (ନି.ପ୍ର): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସୋମବାର ଦିନ ୫୩ ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ। ଏହି ଅବସରରେ ଅନୁଷ୍ଠିତ ସଚେତନତା ଶୋଭାଯାତ୍ରାକୁ ପ୍ରଶାସନିକ ଭବନରେ ଶୁଭାରମ୍ଭ କରିଥିଲେ ଶ୍ରୀ ଦରନାଦ। ପାରାଦୀପ ବନ୍ଦର ପୋତାଶ୍ରୟ ମଧ୍ୟରେ ଥିବା ଯାନ୍ତ୍ରିକ କୋଇଲା ବୋଝେଇ ପ୍ଲା ନିକଟରେ ଶ୍ରମିକ, କର୍ମଚାରୀମାନଙ୍କ ସୁରକ୍ଷା ନିମନ୍ତେ ଆବଶ୍ୟକୀୟ ଫ୍ଲାଏ ଓଭର ବ୍ରିଜ୍ର କାମ ଯୁଦ୍ଧକାଳୀନ ଭିରେ ଚାଲୁ ରହିଛି। ବନ୍ଦର ଅନ୍ତେବାସୀଙ୍କ ପ୍ରସ୍ଥାନ ନିମନ୍ତେ ଦ୍ୱିତୀୟ ଯାତାୟତ ପଥ ଅଠରବାଙ୍କୀ କ୍ରିକ୍ ଉପରେ ତିଆରି ଚାଲିଥିବା ସୂଚନା ଦେଇଥିଲେ ଅଧକ୍ଷ ଶ୍ରୀ ହରନାଦ। କାର୍ଯ୍ୟ କ୍ଷେତ୍ରରେ ଆବଶ୍ୟକ ଥିବା ସୁରକ୍ଷା ନିମନ୍ତେ ବନ୍ଦର କର୍ତୃପକ୍ଷ ସବୁବେଳେ ସଚେତନ ରହିଛନ୍ତି। ବନ୍ଦର ଏବେ ଦୁର୍ଘଟଣା ମୁକ୍ତ ରହିଥିବା ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଉପାଧକ୍ଷ ନିଲଭ୍ର୍ ଦାସଗୁପ୍ତା, କାର୍ଯ୍ୟନିର୍ବାହୀ ସିଇଏମଇ କ୍ୟାପଟେନ ଏ.ସି.ସାହୁଙ୍କ ସମେତ ବନ୍ଦର ସୁରକ୍ଷା ଅଧିକାରୀଙ୍କ ସମେତ ବିଭାଗୀୟ ମୁଖ୍ୟ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଇଫକୋ ପାରାଦୀପ ୟୁନିଟ ପକ୍ଷରୁ ୫୩ତମ ଜାତୀୟ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଏଫଆଣ୍ଡବି, କଟକ ଡିଭିଜନ ଏମ୍.କେ.ପଣ୍ଡା ଯୋଗ ଦେଇଥିଲେ। ଇଫକୋର କର୍ମଚାରୀ, ଅଧିକାରୀ ତଥା ଠିକା ଶ୍ରମିକମାନଙ୍କୁ ଜିରୋ ଆକ୍ସିଡେ ନୀତି ପାଳନ କରିବାକୁ ନିବେଦନ କରିଥିଲେ। ୟୁନିଟ୍ ହେଡ୍ କେ.ଜେ.ପଟେଲ୍ ଇଫକୋର କର୍ମଚାରୀ ଓ ଠିକା ଶ୍ରମିକମାନେ ପ୍ଲା ପରିସରକୁ ସ୍ୱଛ ରଖିବା ସହିତ ଦୁର୍ଘଟଣା ମୁକ୍ତ ରକିବାକୁ ନିବେଦନ କରିଥିଲେ। ଇଫକୋ ସବୁବେଳେ ଦୁର୍ଘଟଣାମୁକ୍ତ ଶିଳ୍ପ ଭାବେ ନିଜର ସ୍ୱାତନ୍ତ୍ରତା ବଜାୟ ରଖିଛି। ଆଗାମୀ ଦିନରେ ଏହାକୁ ବଜାୟ ରଖିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଜେଜିଏମ୍ (ଏଫଆଣ୍ଡଏସ) ଆର.କେ.ସ୍ୱାଇଁ ଆଗାମୀ ବର୍ଷ ଇଫକୋ ପାରାଦୀପ ୟୁନିଟ୍କୁ ଦୁର୍ଘଟଣା ମୁକ୍ତ ପ୍ଲା ଭାବେ କାର୍ଯ୍ୟ କରାଯିବାର ଲକ୍ଷ୍ୟ ଥିବା ଘୋଷଣା କରିବା ସହିତ ଏଥିରେ ସମସ୍ତଙ୍କ ସହଯୋଗ ଲୋଡିଥିଲେ ।

## ସେକ୍ଟର୍ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର

କେନ୍ଦ୍ରାପଡ଼ା, ୦୪/୩ (ନି.ପ୍ର): ସାଧାରଣ ନିର୍ବାଚନ-୨୦୨୪ ପାଇଁ ଆଳି, ରାଜନଗର, ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସେକ୍ଟର ଅଧିକାରୀମାନଙ୍କର ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗ ଦେଇ କହିଥିଲେ "ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ନିର୍ବାଚନ ଏକ ପର୍ବ। ଏହି ପର୍ବକୁ ଭାରତୀୟ ନିର୍ବାଚନ ଆୟୋଗଙ୍କ ନୀତିନିୟମ ଆଧାରରେ ଆମକୁ ପାଳନ କରିବାକୁ ହେବ। ସେକ୍ଟର ଅଧିକାରୀମାନେ ଯଦି ନିଷ୍ଠାର ସହ ନିଜର କର୍ତବ୍ୟ କରିନ୍ତି, ତେବେ ଆମେ କେନ୍ଦ୍ରାପଡ଼ା ଜିଲ୍ଲାରେ ନିଶ୍ଚିତରୂପେ ମୁକ୍ତ, ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା କରିପାରିବା।" ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ନିଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ପୀତାମ୍ବର ସାମଲ, ଉପ-ଜିଲ୍ଲାପାଳ ଶ୍ରୀ ରବିନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଉପ-ଜିଲ୍ଲାପାଳ ଅଶୋକ କୁମାର ଦାସ, ଡେପୁଟି କଲେକ୍ଟର (ନିର୍ବାଚନ) ଶ୍ରୀ ରମେଶ ଚନ୍ଦ୍ର ପଣ୍ଡା, ଆଳି ବିଡିଓ ମିନତି ଜଗଦେବ, ମହାକାଳପଡ଼ା ତହସିଲହାର ମାନସ ରଞ୍ଜନ ତ୍ରିପାଠୀ, ରାଜନଗର ତହସିଲଦାର ଅଜୟ କୁମାର ମହାନ୍ତି, ଆଳି ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

# ଉନ୍ମୋଚିତ ହେଲା ରମାକାନ୍ତ ଅକ୍ଷୟ, ରମେଶ ଓ ବିଦ୍ୟାଧରଙ୍କ ୬ ଖଣ୍ଡି ପୁସ୍ତକ ଏବଂ ବସନ୍ତ ଆଗମନୀ କବିତା ପାଠୋତ୍ସବ




ବାଲେଶ୍ୱର, ୦୪/୩ (ନି.ପ୍ର): ଡ. ରମାକାନ୍ତ ବେହେରା ସାରସ୍ୱତ ସାଂସ୍କୃତିକ ପରିଷଦ ପକ୍ଷରୁ ପରିଷଦର କାର୍ଯ୍ୟାଳୟସ୍ଥ ଅଙ୍ଗାରଗଡ଼ିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାଗୃହରେ ତିନି ତାରିଖ ଅପରାହ୍ନରେ ୬ ଖଣ୍ଡ ନୂତନ ପୁସ୍ତକ ଶୁଭ ଉନ୍ମୋଚନ ସହ ଋତୁରାଜ ବସନ୍ତର ଆଗମନୀ ଶୀର୍ଷକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସଭାପତି ଡ. ରମାକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ ଅନୁବାଦକ ରବୀନ୍ଦ୍ର ନାଥ ପାତ୍ର, ଡ. ରାଧାରଂଜନ ପଟ୍ଟନାୟକ, ଅଭୟ ଦାସ ପ୍ରମୁଖ ବରେଣ୍ୟ ଅତିଥିଭାବେ ଯୋଗ ଦେଇ ପୁସ୍ତକ ଗୁଡ଼ିକୁ ଉନ୍ମୋଚନ କରିଥିଲେ । ରମେଶ ଚନ୍ଦ୍ର ଜେନାଙ୍କ ଉପନ୍ୟାସ ଦଇବଦଉଡ଼ି, ବିଦ୍ୟାଧର ସେଠୀଙ୍କ ଓଦାମାଟିର ବାସ୍ନା, ଡ. ଅକ୍ଷୟ କୁମାର ପାଣିଗ୍ରାହୀଙ୍କ ଆଧୁନିକ କ୍ଷୁଦ୍ରଗଳ୍ପର ବଙ୍ଗଳା ଅନୁବାଦ ତଥା ଡ. ରମାକାନ୍ତ ବେହେରାଙ୍କ ଉପନ୍ୟାସ ଜୀବନର ଘୂର୍ଣ୍ଣି ଓ ପ୍ରବନ୍ଧ ପୁସ୍ତକ ବିଶ୍ୱଭାଷା ସଂସ୍କୃତ ଏକ ବିସ୍ମୟର ବଙ୍ଗଳା ଅନୁବାଦ ଉନ୍ମୋଚିତ ହୋଇଥିଲା । ସମସ୍ତ ଲେଖକ ମଞ୍ଚାସୀନ ହୋଇ ସେମାନଙ୍କୁ ପୁସ୍ତକ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲା ବେଳେ ଅନୁବାଦ ଜରିଆରେ ଅନ୍ୟ ଭାଷାର ପାଠକ ଆମ ସୃଷ୍ଟି ସହ ପରିଚୟ ଲାଭ କରିବେ ବୋଲି କହିଥିଲେ । ଟ୍ରଷ୍ଟର ସଂପାଦକ କାଳୀପଦ ପଣ୍ଡା ବିବରଣୀ ପ୍ରଦାନ କରି ଉତ୍ସବକୁ ସଂଚାଳନା କରିଥିଲା ବେଳେ ସତ୍ୟଭାମା ମୁଦୁଲି କବିତା ପାଠୋତ୍ସବକୁ ସଂଯୋଜନା କରିଥିଲେ । ଟ୍ରଷ୍ଟି ଡାକ୍ତର ମଧୁସୂଦନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ବହୁ ଲେଖକ ଲେଖିକା ଏଥିରେ ଯୋଗ ଦେଇଥିଲେ ।

# ବୈଦିକ ଗୁରୁକୁଳ ଆଶ୍ରମର ୩୫ତମ ବାର୍ଷିକ ମହୋତ୍ସବ ଉଦ୍‌ଘାଟିତ




ରୂପସା, ୦୪/୩ (ନି.ପ୍ର): ରୂପସା ସ୍ଥିତ ପିଞ୍ଚାବଣିଆ ଗୁରୁକୁଳ ଆଶ୍ରମ ର ୩୫ ତମ ବାର୍ଷିକ ମହୋତ୍ସବ ଓ ଆର୍ଯ୍ୟ ସେବା ସଂଘ ତୃତୀୟ ବାର୍ଷିକ ଉତ୍ସବ ଆଜି ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନୀ ଉତ୍ସବରେ ସମାଜସେବୀ ଶ୍ରୀଯୁକ୍ତ ସୁମନ୍ତ କୁମାର ଜେନା ଆର୍ଯ୍ୟ ସେବା ସଂଘ ଓ ଓଡ଼ିଶା ରକ୍ତଦାତା ସଂଘ ର ମିଳିତ ଆନୁକୁଲ୍ୟରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର କୁ ଉଦଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସମୟ ଚକ୍ର ସାହିତ୍ୟ ପତ୍ରିକାର ସମ୍ପାଦକ ଶ୍ରୀଯୁକ୍ତ ସର୍ବେଶ୍ୱର ଜେନା, ମୁଖ୍ୟ ବକ୍ତା ଭାବେ ଯୁବ ରେଡକ୍ରସ ର ରାଜ୍ୟ ସଂଯୋଜକ ଡକ୍ଟର ଦିଲ୍ଲୀପ କୁମାର ଭୋଇ ,ସମ୍ମାନୀତ ଅତିଥି ଭାବେ ଜୟନ୍ତ କୁମାର ପାଣିଗ୍ରାହୀ, ଶ୍ରୀଯୁକ୍ତ ଅକ୍ଷୟ କୁମାର ମିଶ୍ର, ବରେଣ୍ୟ ଅତିଥି ଭାବେ ଦେବସେନା ର ମୁଖ୍ୟ ଶଙ୍କର ଜେନା , ପଣ୍ଡିତ ସୁରେନ୍ଦ୍ର ସିଂହ, ଶ୍ରୀଯୁକ୍ତ ବିଷ୍ଣୁ ଚରଣ ବାନପ୍ରସ୍ଥି ଉପସ୍ଥିତ ରହିଥିଲେ। ଆଜିର ସଭାରେ ପଣ୍ଡିତ ସୁରେନ୍ଦ୍ର କୁମାର ସିଂହ ସଭାପତିତ୍ୱ କରିଥିବା ବେଳେ ଶ୍ରୀଯୁକ୍ତ ଅନନ୍ତ କୁମାର ସାହୁ ଗୁରୁକୁଳ ର ବାର୍ଷିକ ବିବରଣୀ ପାଠ କରିଥିଲେ , ଆର୍ଯ୍ୟ ସେବା ସଂଘ ର ସଭାପତି ଶ୍ରୀମାନ ଗଣେଶ ପାଢୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଯୋଗ, ପ୍ରାଣାୟମ, ବିଶ୍ୱ କଲ୍ୟାଣ ଯଜ୍ଞ , ଗୋ ମାତା ସେବା ସହିତ ବିଶାଳ ରକ୍ତ ଦାନ ଶିବିର ଅନୁଷ୍ଠିତ ହେଇଥିଲା। ଗୁରୁକୁଳର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସୁଚାରୁରୂପେ ପରିଚାଳନା ହୋଇଥିଲା। ପରିଶେଷରେ ଶ୍ରୀଯୁକ୍ତ କ୍ଷେତ୍ରମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ନୂତନ ଅଧକ୍ଷାଙ୍କୁ ସ୍ୱାଗତ

କେନ୍ଦ୍ରାପଡ଼ା, ୦୪/୩ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାଲିଆସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ନୂତନ ଅଧକ୍ଷା ଭାବେ ସୁଲୋଚନା ଦେହୁରୀ ଯୋଗଦେଇଛନ୍ତି। ଏଥିପୂର୍ବରୁ ଶ୍ରୀମତୀ ଦେହୁରୀ ଯାଜପୁର ଜିଲ୍ଲାର ଡୋଳିପୁରସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ବରିଷ୍ଠ ପ୍ରଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ଏଠାରେ ଯୋଗଦେବା ପରେ ପୂର୍ବତନ କାର୍ଯ୍ୟାଳୟ ସହକାରୀ ରାଜକିଶୋର ଲେଙ୍କା ଅଧକ୍ଷା ଶ୍ରୀମତୀ ଦେହୁରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ରାଜ୍ୟ ସରକାରଙ୍କ ....

ରାଜ୍ୟରେ ବେକାର ସମସ୍ୟାକୁ ନେଇ ଯୁବବର୍ଗଙ୍କ ମଧ୍ୟରେ ରହିଥିବା ଆକ୍ରୋଶକୁ ଦୃଷ୍ଟିରେ ରଖି ସରକାର ମାତ୍ର ୬ ମାସ ବ୍ୟବଧାନରେ ପ୍ରାୟ ୩୦ହଜାର କନିଷ୍ଠ ଶିକ୍ଷକ ପଦବୀ ପୂରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସାଧାରଣ ନିର୍ବାଚନ ପୂର୍ବରୁ ସରକାରଙ୍କ ଏହି ଘୋଷଣା ଯୁବବର୍ଗଙ୍କ ତୁଷ୍ଟୀକରଣ ନିମନ୍ତେ ଉଦ୍ଦିଷ୍ଟ ବୋଲି ଚର୍ଚ୍ଚା ହେଉଛି ।

### ଆଜି ଓଡ଼ିଶା ଆସୁଛନ୍ତି ...

ଦାଦ୍ରି ପର୍ଯ୍ୟନ୍ତ କଣ୍ଟେନର ଟ୍ରେନ୍ ସେବାର ଶୁଭାରମ୍ଭ । ଏଥି ସହ ଚଣ୍ଡିଖୋଲ ପାରଦୀପ ୮ଥାକିଆ ଜାତୀୟ ରାଜପଥର ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ । ସେହିଭଳି ଅପରାହ୍ନ ୩ଟା ୩୦ମିନିଟ୍ରେ ସେଠାରେ ଆୟୋଜିତ ବିଶାଳ ସମାବେଶକୁ ସମ୍ବୋଧିତ କରିବେ ମୋଦୀ। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ କେନ୍ଦ୍ରୀୟ ସୁରକ୍ଷା ଟିମ୍, ଯାଜପୁର ଜିଲ୍ଲା ପ୍ରଶାସନ, ରାଜ୍ୟ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥାର ଗ୍ରହଣ କରାଯାଇଛି । ସେଠାରେ ନିର୍ମାଣ ହୋଇଥିବା ଅସ୍ଥାୟୀ ହେଲିପ୍ୟାଡ୍ରେ ଆଜି ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଅବତରଣ କରିଥିଲା । ସୁରକ୍ଷା ଦୃଷ୍ଟିରୁ ସଭାସ୍ଥଳରେ ୩ହଜାର ପାଲିସ ଫୋର୍ସ ମୁତୟନ କରାଯାଇଛି । ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତକୁ ନେଇ ଉତ୍ସାହିତ ରାଜ୍ୟ ବିଜେପି ନେତା ଓ କର୍ମୀ । ସେପଟେ ବିଜେଡି-ବିଜେପି ମେଣ୍ଟ ଚର୍ଚ୍ଚା ଭିତରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶାଗସ୍ତକୁ ଉତ୍କଣ୍ଠା ସହ ଅପେକ୍ଷା କରିଛନ୍ତି ଲୋକେ । ମୋଦିଙ୍କ ସଭାରେ ୨ଲକ୍ଷରୁ ଅଧିକ ଲୋକ ଯୋଗଦେବେ ବୋଲି କୁହାଯାଇଛି ।

### ଅଭୟାରଣ୍ୟକୁ ...

ପ୍ଲାଷ୍ଟିକ୍ ନେବା ପାଇଁ ଅନୁମତି ଦିଆଯିବ ନାହିଁ। ଯଦି କୌଣସି ପର୍ଯ୍ୟଟକ ଅଜାଣତରେ ପ୍ଲାଷ୍ଟିକ୍ ପାଣି ବୋତଲ ନେଇ ଆସିଛନ୍ତି, ତାହାହେଲେ ପ୍ରବେଶ ପଥରେ ସେମାନଙ୍କ ବୋତଲ ଉପରେ ଗୋଟିଏ ଷ୍ଟିକର ମରାଯିବ। ଏଥିସହ ସେମାନଙ୍କଠାରୁ ବୋତଲ ପିଛା ୨୦୦ ଟଙ୍କା ଲେଖାଏଁ ରଖାଯିବ। ଫେରିଲା ବେଳେ ପର୍ଯ୍ୟଟକମାନେ ସେହି ବୋତଲ ଦେଲେ, ସେମାନଙ୍କଠାରୁ ନିଆଯାଇଥିବା ୨୦୦ ଟଙ୍କା ଫେରାଯିବ ବୋଲି ପିସିସିଏଫ୍ କହିଛନ୍ତି। ସେ ଆହୁରି କହିଛନ୍ତି, ପର୍ଯ୍ୟଟକଙ୍କ ପାଇଁ ଅଭୟାରଣ୍ୟ ଭିତରେ ପର୍ଯ୍ୟାପ୍ତ ପରିମାଣରେ ପାଣିର ବ୍ୟବସ୍ଥା କରାଯିବ। ଏହାଛଡ଼ା ଖାଇବା ପାଇଁ ପର୍ଯ୍ୟଟକମାନେ ପ୍ଲାଷ୍ଟିକ ବା ଷ୍ଟାଇରୋଫୋମ୍ ପ୍ଲେଟ୍ ନେଇପାରିବେ ନାହିଁ। ତା' ବଦଳରେ ପ୍ରବେଶ ପଥରେ ସେମାନଙ୍କୁ ଖଲି ପତର ଓ କାଗଜ ଠୁଙ୍ଗା ଯୋଗାଇ ଦିଆଯିବ। ଏହି ନିୟମ ଯଦି କେହି ଅମାନ୍ୟ କରନ୍ତି ବା କୌଣସି ପର୍ଯ୍ୟଟକ ଲୁଚାଇ ଛପାଇ ସିଙ୍ଗଲ ୟୁଜ ପଲିଥିନ୍ ଓ ପ୍ଲାଷ୍ଟିକ୍ ନେଇ ଧରାପଡ଼ନ୍ତି, ତାହାହେଲେ ସେମାନଙ୍କୁ ୩ ବର୍ଷ ଜେଲ୍ ଓ ଜରିମାନା କରାଯିବ। ଏହି ନିୟମ ରାଜ୍ୟର ସମସ୍ତ ଅଭୟାରଣ୍ୟରେ ଲାଗୁ କରାଯିବ। ତା' ଭିତରେ ଦୁଇଟି ବ୍ୟାଘ୍ର ପ୍ରକଳ୍ପ ଓ ଗୋଟିଏ ଜାତୀୟ ଉଦ୍ୟାନ ରହିଛି ବୋଲି ପିସିସିଏଫ୍ କହିଛନ୍ତି।

### ଶ୍ରୀମନ୍ଦିରରେ ବାଂଲାଦେଶୀ ...

ଅନ୍ୟ ଧର୍ମର ଲୋକମାନେ ପ୍ରବେଶ କରିପାରିବେ ନାହିଁ।" ସିଂହଦ୍ୱାର ଆଗରେ ଲାଗିଥିବା କେଉଁ ମନ୍ଧାତା ଅମଳର ସୂଚନା ଫଳକରେ ଏହା ଲେଖା ଯାଇଛି। ହେଲେ ତା' ଅବସ୍ଥା ଏମିତି ଯେ, କ'ଣ ଲେଖାଅଛି ଭଲକରି ଦିଶୁନି। ତା'ସହ ଅନ୍ୟ କେଉଁଠି ମଧ ଏଭଳି ସୂଚନା ଫଳକଟିଏ ଲଗାଯାଇନି। ତେଣୁ ଏହାକୁ ନେଇ ବେଶୀ କ୍ଷୁବ୍ଧ ହୋଇଛନ୍ତି ମହାପ୍ରଭୁଙ୍କ ସେବାରେ ନିୟୋଜିତ ସେବାୟତ। ସଫା ସଫା କହିଛନ୍ତି, ଜଗନ୍ନାଥ ମନ୍ଦିରକୁ ଅଣହିନ୍ଦୁଙ୍କ ପ୍ରବେଶ ରୋକିବାକୁ କଡ଼ା ନିୟମ ଆସୁ। ଦରକାର ପଡ଼ିଲେ ଟେମ୍ପୁଲ ଆକ୍ଟରେ ପରିବର୍ତ୍ତନ କରାଯାଉ। ସବୁ ଚେକିଂ ପଏଣ୍ଟରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ନେଇଥିବା ସେବାୟତ ଓ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଉ। ସେପଟେ ରବିବାର ଘଟଣା ପରେ ଶ୍ରୀମନ୍ଦିର ପ୍ରଶାସନ ଆଜି ଚେତିଛି। ଉନ୍ନୟନ ପ୍ରଶାସକ ପ୍ରଦୀପ କୁମାର ସାହୁ କହିଛନ୍ତି, ଭବିଷ୍ୟତରେ ଯେପରି ଏଭଳି ଅଘଟଣ ଆଉ ନଘଟେ, ସେଥିପାଇଁ ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ବୈଠକ ବସି ସୂତ୍ର କାଢ଼ିବୁ।

### ଅଷ୍ଟମ ସମନ ପରେ....

ହାଜର ହେବେ ବୋଲି କହିଛନ୍ତି। ସୂଚନା ଯୋଗ୍ୟ, ଇଡିର ଏହି ସମନ ଅର୍ଥ ହେରଫେରକୁ ନେଇ କରାଯାଉଛି। ଦିଲ୍ଲୀ ଅବକାରୀ ନୀତିରେ କେଜ୍ରିୱାଲଙ୍କ ସରକାର ଅର୍ଥ ହେରଫେର କରିଥିବା ଇଡି ଅଭିଯୋଗ କରିଆସୁଛି। ଏହି ମାମଲାରେ ପୂର୍ବତନ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ତଥା କେଜ୍ରିୱାଲଙ୍କ ଘନିଷ୍ଠ ସହଯୋଗୀ ମନୀଷ ସିସୋଦିଆ ଏବଂ ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ ଗିରଫ ହୋଇ ଜେଲରେ ଅଛନ୍ତି। ଏହି ମାମଲାରେ ପଚରାଉଚରା ପାଇଁ ଗତ ବର୍ଷ ନଭେମ୍ବରରୁ କେଜ୍ରିୱାଲଙ୍କୁ ସମନ ପଠାଉଛି ଇଡି। ଅଷ୍ଟମ ସମନ ପରେ ଇଡିକୁ ଜବାବ ଦେଲେ କେଜ୍ରିୱାଲ, କହିଲେ ଜେରା ପାଇଁ ଏବେ ପ୍ରସ୍ତୁତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଅଷ୍ଟମ ସମନ ଉପରେ ଜବାବ ରଖିଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ। ଅଷ୍ଟମ ଡାକରାକୁ ବେଆଇନ ଦର୍ଶାଇ ଥିଲେ ବି ମାର୍ଚ୍ଚ ୧୨ ପରେ ତଦନ୍ତକାରୀ ସଂସ୍ଥାର ପ୍ରଶ୍ନର ସାମ୍ନା କରିବେ ବୋଲି କହିଛନ୍ତି କେଜ୍ରିୱାଲ। ଭିଡିଓ କନଫରେନ୍ସିଂ ଜରିଆରେ କେଜ୍ରିୱାଲ ଇଡି ପ୍ରଶ୍ନର ସାମ୍ନା କରିବେ ବୋଲି ଆପ୍ ପକ୍ଷରୁ କୁହାଯାଇଛି। ଫେବୃଆରୀ ୨୭ରେ ଇଡି ଅଷ୍ଟମ ଥର ପାଇଁ କେଜ୍ରିୱାଲଙ୍କୁ ସମନ ପଠାଇ ମାର୍ଚ୍ଚ ୪ରେ କାର୍ଯ୍ୟାଳୟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲା। କିନ୍ତୁ କେଜ୍ରିୱାଲ ଆଜି ଇଡି ଅଫିସ୍ ନ ଯାଇ, ଫେବୃଆରୀ ୧୨ ପରେ ସମସ୍ତ ପ୍ରଶ୍ନର ମୁକାବିଲା କରିବେ ବୋଲି କହିଛନ୍ତି। ପ୍ରକାଶ ଥାଉ କି, ଏହା ପୂର୍ବରୁ କେଜ୍ରିୱାଲଙ୍କୁ ଇଡି ସାତ ଥର ସମନ ପଠାଇ ସାରିଛି। ଏ ସମସ୍ତ ସମନକୁ ବେଆଇନ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଦର୍ଶାଇ ଇଡି ଅଫିସରେ ହାଜର ହେଉନଥିଲେ କେଜ୍ରିୱାଲ।

### କଟକରେ ମହିଳାଙ୍କୁ ...

ତାଙ୍କ ଅଭିଯୋଗ ଆଧାରରେ ପୁଲିସ୍ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଥିଲା। ଯୁବକ ଜଣକ ମାସେ ଜେଲ୍ ଯାଇଥିଲା। ଏବେ ଜେଲ୍ରୁ ବାହାରି ଥିଲା। ତେବେ କେଉଁ କାରଣରୁ ଭାରତୀ ତା' ନାଁରେ ଲିଖିତ ଅଭିଯୋଗ କରିଥିଲେ, ତାହା ଜଣାପଡ଼ିନି। ସେପଟେ ପୁଲିସ୍ କହିଛି, ଛୁରା ମାଡ଼ କରିଥିବା ଅଭିଯୁକ୍ତ ନାଁରେ ଏକାଧିକ ମାମଲା ରହିଛି। ହତ୍ୟାକାଣ୍ଡ ଘଟିଥିବା ସ୍ଥଳରେ ଏସିପି ଓ ସିଆରଆରଆଇ ଥାନା ଆଇଆଇସି ପହଞ୍ଚି ତଦନ୍ତ ଚଳାଇଛନ୍ତି। ହତ୍ୟାକାଣ୍ଡ ନେଇ ପୁଲିସ୍ର ପ୍ରତିକ୍ରିୟା ମିଳିପାରିନି।

# ବରିଷ୍ଠ ଆଇଏଏସ ଅଫିସର ଓ ସାହିତ୍ୟିକ ହୃଷୀକେଶ ପଣ୍ଡା ବିଜେପିରେ ମିଶିଲେ



ବାସୁଦେବପୁର, ୦୪/୩ (ନି.ପ୍ର): ବରିଷ୍ଠ ଆଇ ଏ ଏସ ଅଫିସର ତଥା ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ଡକ୍ଟର ହୃଷୀକେଶ ପଣ୍ଡା ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଛନ୍ତି । ଭୁବନେଶ୍ୱରରେ ବିଜେପିର ରାଜ୍ୟ କାର୍ଯ୍ୟାଳୟରେ ଡକ୍ଟର ପଣ୍ଡା ପଦ୍ମ ଫୁଲର ଦଳୀୟ ପତାକା ଧରିବା ସହିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ ଓ ଜୟ ଶ୍ରୀରାମ ସ୍ଲୋଗାନ ଦେଇଥିଲେ । ବିଜେପିର ରାଜ୍ୟ ସଭାପତି ମନ ମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ,ସାଂସଦ ଅପରାଜିତା ଷଡ଼ଙ୍ଗୀ, ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ, ପୂର୍ବତନ ମନ୍ତ୍ରୀ ଜୁଏଲ ଓରାମ,ପୂର୍ବତନ ସାଂସଦ ମହା ମେଘବାହନ ଐର ଖାରବେଳ ସ୍ୱାଇଁ, ଧାମ ନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ, ବିଜେପିର ଭଦ୍ରକ ଜିଲ୍ଲା ସଭାପତି ହେମନ୍ତ ପାଢ଼ୀ, ବଦ୍ରି ନାରାୟଣ ଧଳ, ପ୍ରଦୀପ ନାୟକ, ଜାତୀୟ କାର୍ଯ୍ୟ କାରିଣୀ ସଦସ୍ୟ ଦୀନବନ୍ଧୁ ପତି, ବାସୁଦେବପୁର ବ୍ଲକ ର ବିଜେପି ନେତା ଗଦାଧର ପଲେଇ, ଅଶୋକ ସାହୁ, ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ, ଜିଲ୍ଲା କୋଷାଧକ୍ଷ ଜୟ ପ୍ରକାଶ ମଲ୍ଲିକ , ବାସୁଦେବପୁର ନିର୍ବାଚନ ମଣ୍ଡଳୀର ସଂଯୋଜକ ଡକ୍ଟର ପ୍ରତାପ ନାୟକ ପ୍ରମୁଖ ଏହି ଅବସରରେ ଡକ୍ଟର ପଣ୍ଡା ଙ୍କୁ ଶୁଭ ଅଭିନନ୍ଦନ ଜଣାଇଛନ୍ତି । ଏହା ପୂର୍ବରୁ ଡକ୍ଟର ହୃଷୀକେଶ ପଣ୍ଡା ଭାରତ ସରକାରଙ୍କ ଆଦିବାସୀ ଓ ଜନଜାତି ବ୍ୟାପାର ବିଭାଗର କ୍ୟାବିନେଟ୍ ବିଶେଷଜ୍ଞ କମିଟି ଅଧକ୍ଷ ଦାୟିତ୍ୱ ତୁଲାଇଥିଲେ । ଭାରତ ବର୍ଷର ଆଦରଣୀୟ ପ୍ରଧାନମନ୍ତ୍ରୀ ମାନନୀୟ ନରେନ୍ଦ୍ର ମୋଦିଙ୍କ ନୀତି, ଆଦର୍ଶ , ଓ ଦେଶର ବିକାଶ ତଥା ଆଧାତ୍ମିକ ଚିନ୍ତାଧାରା ରେ ଅନୁପ୍ରାଣିତ ହୋଇ ଡକ୍ଟର ପଣ୍ଡା ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଛନ୍ତି ବୋଲି ପ୍ରକାଶ କରିଛନ୍ତି । ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର କାଳିଦାସ ପୁର ଗ୍ରାମରେ ୧୯୫୫ ମସିହାରେ ଡକ୍ଟର ପଣ୍ଡା ଜନ୍ମ ଗ୍ରହଣ କରନ୍ତି କ୍ଷ ତାଙ୍କର ପିତା ବୃନ୍ଦାବନ ପଣ୍ଡା ଓ ମାତା ନିସ୍ତାରିଣୀ ପଣ୍ଡା । ସେ ଜଣେ ଉଚ୍ଚ କୋଟିର ସାହିତ୍ୟିକ ଓ ନାଟ୍ୟକାର । ସାହିତ୍ୟ କ୍ଷେତ୍ରରେ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର , ଶାରଳା ପୁରସ୍କାର, ଭୁବନେଶ୍ୱର ପୁସ୍ତକ ମେଳା ପୁରସ୍କାର, ଚନ୍ଦ୍ରଭାଗା ପୁରସ୍କାର, ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ପୁରସ୍କାର, ଭଦ୍ରକ ପୁସ୍ତକ ମେଳା ପୁରସ୍କାର ପ୍ରଭୃତି ଅନେକ ପୁରସ୍କାର ଓ ସମ୍ମାନ ଲାଭ କରିଛନ୍ତି କ୍ଷ ଡକ୍ଟର ପଣ୍ଡାଙ୍କ ଦ୍ୱାରା ଲିଖିତ ପୁସ୍ତକ ହରିଣ ପିଠିରେ ଥିବା ଅଜଣା ସୂର୍ଯ୍ୟାସ୍ତକୁ, ଶୁନ୍ ସଙ୍ଗେ ସାମୟିକ ସନ୍ଧି, ସାହାବ ଦେବତା, ମିଛ ଖୁସି ସତ ଦୁଃଖ, ଦସ୍ୟୁ, ସୁବର୍ଣ୍ଣ ଦ୍ୱୀପ,ରେବତୀ, ରାଜପୁତ୍ର, ସୁନା ପୁଟର ଲୋକେ, ଭାସ୍କୋଡ଼ାଗାମା, ଗର୍ବ କରିବାର କଥା ପ୍ରଭୃତି ପାଠକ ଦରବାରରେ ଖୁବ୍ ଉଚ୍ଚ ପ୍ରଶଂସିତ । ଏହି ଅବସରରେ ସ୍ୱାଧୀନତା ସଂଗ୍ରାମର ପବିତ୍ର ମାଟି ବାସୁଦେବପୁର ର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ସାହିତ୍ୟିକ କବି ଅଭିମନ୍ୟୁ ବେହେରା, କବି ସୁଧାଂଶୁ ଶେଖର ମିଶ୍ର, କବି ବିକାଶ ଶତପଥୀ, କବି ରତ୍ନାକର ପଣ୍ଡା, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି, ଗାଳ୍ପିକ ସୁଦର୍ଶନ ସାମଲ, ଡକ୍ଟର ବସନ୍ତ ଦାସ, କବି ଡକ୍ଟର ସନାତନ ନାୟକ, ଗୀତିକାର ପୀତାମ୍ବର ମିଶ୍ର, ଐତିହାସିକ ଓ ଗବେଷକ ଡକ୍ଟର ଅଜୟ ପଣ୍ଡା, କବି ଅନ୍ତର୍ଯ୍ୟାମୀ ମହାରଣା ପ୍ରମୁଖ ଡକ୍ଟର ପଣ୍ଡା ଙ୍କୁ ଅଭିନନ୍ଦନ ଜନାଇଛନ୍ତି ।

**AFFIDAVIT**

An affidavit before the executive Magistrate Balasore, I, NISHANTA PATTANAYAK, S/o Late Rama Chandra Pattanayak, At-Bairamnagar (Near K.M. Hospital) Po- Motiganj, P.S-Town, Dist- Balasore-756003. Declare that actually my son name is Adit H. Pattanayak which has been mentioned in Aadhaar Card No.-755340743386. But Mistakely his name is mentioned in LIC Policy No. 537532504 as Devranjan Pattanayak. So both Adit H. Pattanayak and Devranjan Pattanayak is one and same person who is my son. Henceforth he will be known as Adit H. Pattanayak in all purpose.

Nishanta Pattanayak

**ସାର୍ବଜନୀନ ବିଜ୍ଞପ୍ତି**

**୦୫.୦୩.୨୦୨୪ରେ ନୂତନ ଭାବରେ ନିର୍ମିତ ତୃତୀୟ ଲାଇନ୍ ରାଣିତାଲ୍-ରାଣିତାଲ୍ ଲିଙ୍କ୍ ଜଙ୍କସନ୍ କ୍ୟାବିନ୍ ଉପରେ ରେଲୱେ ନିରାପତ୍ତା ଦକ୍ଷିଣ ପୂର୍ବ ସର୍କଲ୍ ଇନ୍ସପେକ୍ଟର କମିଶନର୍ ଖଡ଼ଗପୁର ଡିଭିଜନ**

ଏଠାରେ ସୂଚିତ କରାଯାଇଛି ଯେ ରେଳ ସୁରକ୍ଷା କମିଶନର, ଦକ୍ଷିଣ ପୂର୍ବାଞ୍ଚଳ ସର୍କଲ, କୋଲକାତା **୦୫.୦୩.୨୦୨୪** ରେ ଖଡ଼ଗପୁର ଡିଭିଜନର ରାନିଟାଲ-ରାନିଟାଲ ଲିଙ୍କ ଜଙ୍କସନ କ୍ୟାବିନ ମଧ୍ୟରେ ନୂତନ ନିର୍ମିତ ତୃତୀୟ ଲାଇନ ଖୋଲିବା ପାଇଁ ଯାଞ୍ଚ କରିବେ। ଇନ୍ସପେକ୍ସନ୍ ସ୍ପେଶାଲ୍, ମୋଟର ଟ୍ରଲି, ପୁସ୍ ଟ୍ରଲି ଇତ୍ୟାଦି ଦ୍ୱାରା ଆବଶ୍ୟକ ଯାଞ୍ଚ କରାଯିବ ଏବଂ **୦୫.୦୩.୨୦୨୪** ରେ ଇନ୍ସପେକ୍ସନ୍ ସ୍ପେଶାଲ୍ ଦ୍ୱାରା ସ୍ପିଡ୍ ଟ୍ରାଏଲ୍ କରାଯିବ ।
ସଡକ ବ୍ୟବହାରକାରୀ, ସ୍ଥାନୀୟ ଜନସାଧାରଣ ଏବଂ ଅନ୍ୟ ଉପଭୋକ୍ତାମାନେ ଏହି ବିଜ୍ଞପ୍ତିକୁ ଧ୍ୟାନରେ ରଖିବାକୁ ଏବଂ ରେଖା ଅତିକ୍ରମ କରିବା ସମୟରେ ପର୍ଯ୍ୟାପ୍ତ ସୁରକ୍ଷା ସାବଧାନତା ଅବଲମ୍ବନ କରିବାକୁ ଏବଂ ପରାମର୍ଶ ଦେଇ ପରାମର୍ଶ ଦିଆଯାଇଛି ।

(PR-1196) ମୁଖ୍ୟ ପ୍ରଶାସନିକ ଅଧିକାରୀ (କନ), ଗାର୍ଡେନ୍

ଦକ୍ଷିଣ ପୂର୍ବ ରେଳବାଇ
ଆମେ ହସି ହସି ସେବା କରୁ

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ମହାଶିବରାତ୍ରୀ ପାଇଁ ବାବା କାମେଶ୍ୱର୍ ମହାଦେବଙ୍କ ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୦୪/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ମେଣ୍ଢାଶୂଳ ରେ ଥିବା (କାଶୀମ ବାଦ ) ବାବା କାମେଶ୍ୱର୍ ମନ୍ଦିର କମିଟି ତରଫରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ କୁ ସମାଜ ସେବୀ (ଏକ୍ସୀମିନର ) ସମୀର କୁମାର ଦେ ସଭାପତିତ୍ୱ କରିଥିଲେ ପ୍ରଥମେ ସେ କାମେଶ୍ୱର୍ ମହାଦେବଙ୍କ ମାହାତ୍ମ୍ୟ କୁ ବର୍ଣ୍ଣନା କରିଥିଲେ ଏପରିକି କାମେଶ୍ୱର ମହାଦେବ ୨୦୧୦ ରେ ଉଦଘାଟନ ହୋଇଥିଲା । ଏହି ଉତ୍ସବ ୧୪ ବର୍ଷ ଧରି ପାଳିତ ହଉଚି ବୋଲି କହିବା ସଙ୍ଗେ ସଙ୍ଗେ ଏହି ଠାକୁର ଙ୍କ ଆବିର୍ଭାବ ବିଷୟରେ ମନେପକେଇବା ପାଇଁ ସବୁ ବର୍ଷ ପରି ଏ ବର୍ଷ ମଧ ମହାଶିବରାତ୍ରୀ ଦିନ ବିଭିନ୍ନ କାର୍ଯ୍ୟ କ୍ରମ ପରିଚାଳିତ ହେବ । ବିଶେଷ କରି ମହାଶିବରାତ୍ରୀ ଦିନ ନାଚ ପ୍ରତିଯୋଗିତା ଅନୁଷ୍ଠିତ ହେବ ଏହା ୩ଟି ଗ୍ରୁପ ରେ ଅନୁଷ୍ଠିତ ହେବ, ପ୍ରଥମ ଗ୍ରୁପ ରେ ୫ ବର୍ଷ ରୁ ୧୦ ବର୍ଷ , ଦ୍ୱିତୀୟ ଗ୍ରୁପ ରେ ୧୦ ବର୍ଷ ରୁ ୧୫ ବର୍ଷ ଓ ତୃତୀୟ ଗ୍ରୁପ ରେ ୧୫ ବର୍ଷରୁ ଅଧିକ ବର୍ଷ ବାଳକ ବାଳିକା ମାନେ ଭାଗ ନେଇ ପାରିବେ ଓ ପ୍ରତ୍ୟେକ ଗ୍ରୁପ ର ପିଲାମାନେ ଏଣ୍ଟ୍ରି ଫି ଦେଇ ନାଚ ପ୍ରତିଯୋଗିତା ରେ ଭାଗ ନେଇପାରିବେ। ପ୍ରତ୍ୟେକ ଗ୍ରୁପ ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପିଲାଙ୍କୁ ୧୦୦୦ ଟଙ୍କା ମାନପତ୍ର , ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପିଲାଙ୍କୁ ୫୦୦ ଟଙ୍କା ମାନପତ୍ର ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପିଲାଙ୍କୁ ୩୦୦ ଟଙ୍କା ମାନପତ୍ର ଦିଆଯିବ ବୋଲି କହିଥିଲେ । ଏହି ବୈଠକ ରେ ମନ୍ଦିର ର ଅନ୍ୟତମ ପ୍ରତିଷ୍ଠାତା ପୂର୍ବତନ ମ୍ୟୁନିସପାଲିଟି ଚେୟାରମେନ ମନୋଜ ରାଉତ , ଗଦାଧର ସାହୁ, କୃପାସିନ୍ଧୁ ମହାନ୍ତି , ବାପି ଭଞ୍ଜ , ସନାତନ ବାରିକ , ବନମାଳୀ ପରିଡ଼ା ରବୀନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ , ଯୋଗାଯୋଗ ପାଇଁ କାମେଶ୍ୱର ମନ୍ଦିର କମିଟି (କାଶୀମ ବାଦ ) ମେଣ୍ଢାଶୂଳ ୮୪୫୬୦୭୦୧୦୦ , ୯୮୬୧୬୪୭୯୬୦ , ୮୯୧୭୩୨୦୨୮୮, ୯୮୬୧୫୪୩୩୨୭ ।




# ଜିଲ୍ଲା କାର୍ଯ୍ୟାଳୟରେ ମାସର ପ୍ରଥମ ମିଳିତ ଜନ ଶୁଣାଣି ଶିବିର



ଭଦ୍ରକ , ୦୪/୩ (ନି.ପ୍ର): ଭଦ୍ରକ ଜିଲ୍ଲାପାଳ ଓ ଭଦ୍ରକ ଏସ୍.ପି.ଙ୍କ ମିଳିତ ଜନ ଶୁଣାଣି ଶିବିର ଆୟୋଜନ ନେଇ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରତି ମାସର ପ୍ରଥମ ଶିବିର ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଆସୁଅଛି । ଏହି କ୍ରମରେ ଚଳିତ ମାର୍ଚ୍ଚ ମାସର ପ୍ରଥମ ସୋମବାର ରେ ପ୍ରଥମ ମିଳିତ ଜନାଭିଯୋଗ ଶିବିର ଜିଲ୍ଲା କାର୍ଯ୍ୟାଳୟର ସଦ୍ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳ ଓ ଏସ୍.ପି. ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗ ଦେଇ ସମୁଦାୟ ୧୭୦ଟି ଅଭିଯୋଗ ଶୁଣିଥିଲେ । ସେଥି ମଧ୍ୟରେ ୧୫୬ଟି ବ୍ୟକ୍ତିଗତ ଓ ୧୪ଟି ସାମୂହିକ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା । ୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସନ୍ତୋଷ କୁମାର ପାତ୍ର ପ୍ରମୁଖ ମଧ୍ୟ ଏହି ଶିବିରରେ ଯୋଗ ଦେଇ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତ କରଣ, ଜିଲ୍ଲା ସମାଜ ମଙ୍ଗଳ, ଜିଲ୍ଲାଶ୍ରମ, ବିଦ୍ୟୁତ୍ , ତହସିଲ, ପଞ୍ଚାୟତରାଜ, ଆଦି ବିଭାଗ ସମ୍ବନ୍ଧୀୟ ଆଗତ ପବିଭିନ୍ନ ଅଭିଯୋଗ ଗୁଡ଼ିକର ଆଇନାନୁଯାୟୀ ସମାଧାନ ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହି ଜନାଭିଯୋଗ ଶୁଣାଣି କାର୍ଯ୍ୟ ପାଇଁ ଆବଶ୍ୟକ ଅନୁଯାୟୀ ତଥ୍ୟ ଉପସ୍ଥାନ କରିଥିଲେ ।

# ଖୋର୍ଦ୍ଧା ବ୍ଲକରେ ମିଳିତ ଜନଶୁଣାଣି ଅନୁଷ୍ଠିତ

ଟାଙ୍ଗୀ, ୦୪/୩ (ନି.ପ୍ର): ଖୋର୍ଦ୍ଧା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆଜିର ପ୍ରତ୍ୟେକ୍ଷ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜି ମୋଟ ୧୦୯ଗୋଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୯୩ଟି ଅଭିଯୋଗ ବ୍ୟକ୍ତିଗତ ଥିଲା ଓ ବାକି ୦୫ଟି ବିଭିନ୍ନ ଗ୍ରାମର ସାମୁହିକ ସମସ୍ୟା ଥିଲା। ଉକ୍ତ ଅଭିଯୋଗ ମାନଙ୍କ ମଧ୍ୟରୁ ସ୍ଥଳବିଶେଷରେ ୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ୨ଜଣଙ୍କୁ ୧୫୦୦୦/-ଟଙ୍କାରେଡକ୍ରସ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା ବ୍ଦେଳେ ୩ ଜଣଙ୍କୁ ୩୦୦୦୦ଟଙ୍କାର ଉଗଜର ଙ୍କ ପାଣ୍ଠି ରୁ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଛି। ଆଜିର ମିଳିତ ଜନଶୁଣାଣି ଅବସରରେ ଜିଲ୍ଲାପାଳ ଚଞ୍ଚଳ ରାଣା ଅଧକ୍ଷତା କରିଥିବାବେଳେ / ଆରକ୍ଷୀ ଅଧିକ୍ଷକ, ବି ଯୁଗଳ କିଶୋର କୁମାର/ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବାଦଲ କୁମାର ମହାନ୍ତି /ଉପ-ଜିଲ୍ଲାପାଳ, ଖୋର୍ଦ୍ଧା ଦୀପ୍ତି ରଞ୍ଜନସେଠୀ /ସି ଡ଼ି ଏମ୍ ଓ /ବିଡିଓ , ଓ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।




# କେନ୍ଦ୍ରାପଡ଼ାରେ ଅଭିଯୋଗ ଶୁଣାଣି ଶିବିର

କେନ୍ଦ୍ରାପଡ଼ା, ୦୪/୩ (ନି.ପ୍ର): କେନ୍ଦ୍ରାପଡା ସଦର ମହକୁମା ମୁନିସିପାଲିଟି ଟାଉନ୍‌ହଲ୍ ଠାରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଆଜି ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପୀତାମ୍ବର ସାମଲ, ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା ଅନୀତା ପଟ୍ଟନାୟକ, କେନ୍ଦ୍ରାପଡ଼ା ତହସିଲଦାର ତାପସ ଦେହୁରୀ, କେନ୍ଦ୍ରାପଡ଼ା ବିଡିଓ ବନ୍ଦନା ଖଟୁଆ, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ, ଟାଉନ ଥାନା ଅଧିକାରୀ ଦିଲିପ ସାହୁ, ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଂଟ୍‌ର ନିର୍ବାହୀ ଯନ୍ତ୍ରୀ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ। ଏଥିରେ ମୋଟ୍ ୨୪୭ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ୨୩ ଗୋଟି ସାମୁହିକ ଏବଂ ୨୨୪ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ଚିକିତ୍ସା ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୯୫ ହଜାର ଟଙ୍କା ୧୦ଜଣ ଆବେଦନକାରୀଙ୍କୁ ଦେବା ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିବା ବେଳେ ରେଡ୍‌କ୍ରସ୍ ପାଣ୍ଠିରୁ ୪ଜଣ ଆବେଦନକାରୀଙ୍କୁ ଚିକିତ୍ସା ସହାୟତା ବାବଦରେ ମୋଟ୍ ୨୫ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି।

# ଅହମଦିଆ ମୁସଲିମ ମହିଳା ସଂଗଠନ ଦ୍ୱାରା ପଞ୍ଚଲିଙ୍ଗେଶ୍ୱର ଶୈବପୀଠକୁ ଡଷ୍ଟବିନ୍ ପ୍ରଦାନ

ନୀଳଗିରି , ୦୪/୩ (ନି.ପ୍ର): ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ମନ୍ଦିର ଏବଂ ଏହାର ଚତୃପାର୍ଶ୍ୱର ସ୍ୱଚ୍ଛତା ପାଇଁ ବାଲେଶ୍ୱର ଜିଲ୍ଲା ସୋର ଅଞ୍ଚଳର ଅହମଦିଆ ମୁସଲିମ ମହିଳା ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ୧୫ଗୋଟି ଡଷ୍ଟବିନ (କୁଢ଼ାଦାନି) ପ୍ରଦାନ କରାଯାଇଛି। ଦେଶର କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏବଂ ସଂଗଠନ ଦ୍ୱାରା ହିନ୍ଦୁ ମୁସଲିମ ବିଭେଦ ସୃଷ୍ଟିକରି ଭାଇଚାରା ନଷ୍ଟ କରୁଥିବା ବେଳେ ବିଶ୍ୱଭାତୃତ୍ୱ, ଅନ୍ୟଧର୍ମ ଓ ସମ୍ପ୍ରଦାୟ ପ୍ରତି ନିଜର ଅନୁରକ୍ତ ଜଣାଇ ଏହି ମହିଳା ମାନେ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ଗତ ୩ତାରିଖ ଦିନ ଉକ୍ତ ସଙ୍ଗଠନର ସଭାନେତ୍ରୀ ରେଜିଆ ମହମ୍ମଦଙ୍କ ନେତୃତ୍ୱରେ ସଦସ୍ୟା ନୁସରତ ଜହାଁ, ଆମତୁଲ ହୟି ଅମ୍ବରୀ, ଫଜଦାନା ଗଜାଲା ସମେତ ଅନେକ ମହିଳା ସ୍ୱେଚ୍ଛାସେବୀ ପଞ୍ଚଲିଙ୍ଗେଶ୍ୱର ପୀଠରେ ପହଞ୍ଚି ଟ୍ରଷ୍ଟ ସଦସ୍ୟ ଅମରେନ୍ଦ୍ର ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ପୁରସ୍ତମ ସେଠୀ, ମ୍ୟାନେଜର ଶିଶିର କୁମାର ମିଶ୍ର ଏବଂ ଅନ୍ୟମାନଙ୍କ ଉପସ୍ଥିତିରେ ଏହି ଡଷ୍ଟବିନ ହସ୍ତାନ୍ତର କରିଥିଲେ। ଟ୍ରଷ୍ଟ ପକ୍ଷରୁ ଏହି ମୁସଲିମ ମହିଳା ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇବା ସହିତ ସେମାନଙ୍କର ଏଭଳି କାର୍ଯ୍ୟ ସମାଜ ପ୍ରତି ଏକ ମହାନବାର୍ତ୍ତା ବୋଲି ଉପସ୍ଥିତ ଟ୍ରଷ୍ଟି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟ ସମ୍ପାଦନାରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଖାଲିଦ୍ ହୁସେନ୍ ଙ୍କ ଭୂମିକାକୁ ଟ୍ରଷ୍ଟବୋର୍ଡ ପକ୍ଷରୁ ଉଚ୍ଚ ପ୍ରଶଂସା କରାଯାଇଛି।



## ମହିଳାଙ୍କୁ ପଡୋଶୀ ଆକ୍ରମଣ କରିବାକୁ ନେଇ ଥାନାରେ ମାମଲା

ବେତନଟୀ , ୦୪/୩ (ନି.ପ୍ର): ବେତନଟୀ ଥାନା ଅଧୀନ ଭୁରକୁଣ୍ଡି ଗ୍ରାମର ସନ୍ତୋଷ କାଳନ୍ଦୀଙ୍କ ପତ୍ନୀଙ୍କୁ ପଡୋଶୀ କୁଞ୍ଜ କାଳନ୍ଦୀ ତାଙ୍କ ସ୍ୱାମୀ ହାତ ଗୋଡ ଓ ମୁଣ୍ଡରେ ମାରି ଆହତ କରିଥିଲେ। ସମ୍ପର୍କରେ ବେତନଟୀ ଥାନାରେ ଲିଖିତ ଅଭିଯୋଗ ହ୍ୱୋ ପରେ ବେତନଟୀ ପୁଲିସ ୮୦/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ପାକିସ୍ତାନରେ ବରଫପାତ ଓ ବର୍ଷା ଯୋଗୁ ୨୭ ମୃତ

ଇସଲମାବାଦ, ୦୪/୩ (ନି.ପ୍ର): ପାକିସ୍ତାର ଖୈବର ପଖତୁନଖ୍ୱା ଅଂଚଳର ବିଭିନ୍ନ ଅଂଚଳରେ ମୁଷଳଧାରରେ ବର୍ଷା ଓ ବରଫପାତ ଯୋଗୁ ରବିବାର ମୃତକଙ୍କ ସଂଖ୍ୟା ୨୭ରେ ପହଂଚିଛି । ଏଥିରେ ୧୮ଜଣ ଶିଶୁ ଅଛନ୍ତି । ଡନ୍ ସମାଚାର ପତ୍ର ପ୍ରାଦେଶିକ ବିର୍ଯ୍ୟୟ ପରିଚାଳନା ପ୍ରାଧିକରଣର ଅଧିକାରୀଙ୍କ ଅନୁସାରେ ଏହି ରିପୋର୍ଟ ପ୍ରକାଶ ପାଇଛି ।
ଏହା ବ୍ୟତୀତ ଗତ ଦୁଇ ଦିନ ମଧରେ ବର୍ଷା ଓ ତୁଷାରପାତ ଯୋଗୁଁ ୨୦ ଜଣ ଶିଶୁଙ୍କ ସମେତ ଅତି କମରେ ୩୮ ଜଣ ଆହତ ହୋଇଛନ୍ତି ବୋଲି ଅଧିକାରୀମାନେ କହିଛନ୍ତି।

# ଲକ୍ଷ୍ମୀପୁର ଉପଖଣ୍ଡ ଦାବିରେ ୧୨ଘଂଟିଆ ବନ୍ଦ ପାଳନ

ଭୁବନେଶ୍ୱର/ଲକ୍ଷ୍ମୀପୁର, ୦୪/୩ (ନି.ପ୍ର): କାରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକକୁ ସବଡ଼ିଭିଜନ ଦାବିରେ ଆଜି ୧୨ଘଂଟିଆ ରାସ୍ତାରୋକ କରାଯାଇଛି। ଲକ୍ଷ୍ମୀପୁର ବିକାଶ ରିଷଦ ସହ ବିଭିନ୍ନ ସଙ୍ଗଠନ ତରଫରୁ ଜାତୀୟ ରାଜଥ ୩୨୬କୁ ଅବରୋଧ କରାଯାଇଛି। ରାୟଗଡା ଠାରୁ କୋରାପୁଟ ଓ ଜୟପୁରକୁ ସଂଯୋଗ କରୁଥିବା ରାସ୍ତାରେ ଗାଡି ଚଳା ଚଳ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ସବଡ଼ିଭିଜନ ଦାବିକୁ ସମର୍ଥନ ଜଣାଇ ଲକ୍ଷ୍ମୀପୁରର ସମସ୍ତ ଦୋକାନ ବଜାର ବନ୍ଦ ରହିଛି।

# ଇଡ଼ିଦା ପଞ୍ଚାୟତରେ ବିଜେଡିର ମହାମିଶ୍ରଣ ପର୍ବ




ବସ୍ତା , ୦୪/୩ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ଇଡ଼ିଦା ଗ୍ରାମପଞ୍ଚାୟତ ଅଧିନସ୍ଥ ଉଛଡ଼ିହା ଗ୍ରାମରେ ଆଜି ବିଜେଡିର ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ, ସ୍ୱଚ୍ଛ ଶାସନ ଓ ଦୃଢ଼ ନେତୃତ୍ୱରେ ଅନୁପ୍ରାଣିତ ହୋଇ, ଅନ୍ୟ ଦଳର ବହୁ ସକ୍ରିୟ କର୍ମୀ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ । ଯଦୁନାଥ ଆଦେକ, ଶଶାଙ୍କ ଗୋଚ୍ଛାୟତ, ତରଣୀ ସେକ ଆଦେକ, ଧିରେନ ଗୋଚ୍ଛାୟତ, ଗୁନାଧର ଆଦେକ, ପୂର୍ଣ୍ଣଚନ୍ଦ୍ର ଆଦେକ, ନିତ୍ୟାନନ୍ଦ ସାନ୍ତରା, ସୁଜିତ୍ ରାଉତ, ସୁନିଲ ମହାନ୍ତି, ପ୍ରହ୍ଲାଦ ସାମନ୍ତ, ସୁଧାଂଶୁ ଗୋଚ୍ଛାୟତ, ହରିଶ୍ଚନ୍ଦ୍ର ସାମନ୍ତ, ମୃତ୍ୟୁଞ୍ଜୟ ରାଉତ, ପ୍ରମୁଖ ଶତାଧିକ କର୍ମୀ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ୍ ହୋଇଥିଲେ । ପୂର୍ବତନ ସରପଞ୍ଚ ତଥା ବିଜେଡି ନେତା ଦେବୀ ପ୍ରସାଦ ଭଞ୍ଜ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହାମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ସୁବାସିନୀ ଜେନା ଯୋଗଦେଇ ବିଜୁ ଜନତା ଦଳରେ ଯୋଗ ଦେଇଥିବା ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ବିଜୁ ଜନତା ଦଳକୁ ସ୍ୱାଗତ କରିଥିଲେ । ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠଥର ଭାବେ ମୁଖ୍ୟମନ୍ତ୍ରୀ କରାଇବା ପାଇଁ ଓ ବସ୍ତା ନିର୍ବାଚନ ମଣ୍ଡଳୀକୁ ସମସ୍ତେ ମିଶି ଏକ ସୁନ୍ଦର, ସଶକ୍ତ ଓ ବିକଶିତ ନିର୍ବାଚନ ମଣ୍ଡଳୀରେ ପରିଣତ କରିବାକୁ ମୁଖ୍ୟ ଅତିଥି ଶ୍ରୀମତୀ ଜେନା ଆହ୍ୱାନ କରିଥିଲେ । ଏହି ମହାମିଶ୍ରଣ ପର୍ବରେ ଜିଲ୍ଲା ଉପ ସଭାପତି ସୁବ୍ରତ ପଣ୍ଡା, ବ୍ଲକ ସଭାପତି ଅନୀଲ ମହାନ୍ତି , ପଞ୍ଚାୟତ ସମିତି ଅଧକ୍ଷାଙ୍କ ପ୍ରତିନିଧି ଲକ୍ଷ୍ମୀଧର ଦାସ, ପୂର୍ବତନ ଜିଲ୍ଲାପରିଷଦ ପ୍ରଦୀପ ବିଶ୍ୱାଳ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ, ପଞ୍ଚାୟତ ସଭାପତି ସଂଜୟ ପ୍ରଧାନ , ବ୍ଲକ ଜୀବନବିନ୍ଦୁ ସଂଯୋଜକ ରଂଜନ କୁମାର ଧଳ, ଯୁବ ସଭାପତି ଦେବାଶିଷ ସେଠୀ,ଜଳଧର ସେଠୀ,ବାପି ଦେ ପ୍ରମୁଖ ବହୁ ନେତ ?ବୃନ୍ଦ ଯୋଗ ଦେଇଥିଲେ । ଏହି ମିଶ୍ରଣ ପର୍ବରେ ପଞ୍ଚାୟତର ସମସ୍ତ ୱାର୍ଡ଼ର ୱାର୍ଡ଼ ସଦସ୍ୟ ସଦସ୍ୟା, ବରିଷ୍ଠ ନେତୃବୃନ୍ଦ ଓ ଉଛଡ଼ିହା ଗ୍ରାମର ପୁରୁଷ ମହିଳା ଯୋଗ ଦେଇଥିଲେ।


## ଗୁରୁଜୀ ଗୁରୁମା ଆବଶ୍ୟକ

ବାଣୀପୀଠ ଦ୍ୱାରା ପରିଚାଳିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର (ଆବାସିକ) ବଡସାହି, ମୟୂରଭଞ୍ଜ ଓଡିଆ ଓ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ତରଫରୁ ନିମ୍ନଲିଖିତ ପଦବୀ ପାଇଁ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଉକ୍ତ ପଦବୀ ପାଇଁ ଆସନ୍ତା ତା ୧୭/୦୩ /୨୦୨୪ ରିଖ ରବିବାର ଦିବା୧୦ଟାରେ ବଡସାହି ଠାରେ ସିଧାସଳଖ ସାକ୍ଷାତକାର ଅନୁଷ୍ଠିତ ହେବ। ଫୋନରେ ଯଥାଶୀଘ୍ର ନିଜର ନାମ ପଞ୍ଜିକରଣ କରନ୍ତୁ। ସାକ୍ଷାତକାର ପୂର୍ବରୁ ଶିକ୍ଷାକେନ୍ଦ୍ର କାର୍ଯ୍ୟାଳୟରେ ୩୦୦ଟଙ୍କା ଜମାକରି ନିର୍ଦ୍ଧାରିତ ଫର୍ମରେ ବାୟୋଡାଟା, ଯୋଗ୍ୟତା ପ୍ରମାଣପତ୍ର ଓ ଫଟୋ ସହିତ ଆବେଦନ କରିବାକୁ ପଡିବ।

ଗୁରୁଜୀ/ଗୁରୁମା : ଆର୍ଟସ୍ (ଓଡିଆ, ଇଂରାଜୀ, ଇତିହାସ, ଭୂଗୋଳ) / ପି.ସି.ଏମ / ସି.ବି.ଜେଡ୍ / ହିନ୍ଦୀ / ସଂସ୍କୃତ / କ୍ରୀଡା ଓ ଯୋଗ / କମ୍ପ୍ୟୁଟର / ସୁପରଭାଇଜର / ପିଅନ / ସିକ୍ୟୁରିଟି ଗାର୍ଡ / ରୋଷେୟା / ଡ୍ରାଇଭର

ଶିକ୍ଷାଗତ ଯୋଗ୍ୟତା- ଆଇଏ / ବିଏ / ବିଏସ୍‌ସି / ବିଇଡି / ବିଏଚ୍‌ଇଡି / ଶିକ୍ଷାଶାସ୍ତ୍ରୀ / ସିଟି / ସିପିଏଡ୍ / ପିଜିଡିସିଏ ଇତ୍ୟାଦି।

ଗୁରୁଦକ୍ଷିଣା – ଟ ୩୦୦୦ଙ୍କା ରୁ ଟ୨୦,୦୦୦ଙ୍କା (ଯୋଗ୍ୟତା ଓ ଦକ୍ଷତା ଭିତ୍ତିରେ) (ଦକ୍ଷତା ସମ୍ପନ୍ନ ଅଭିଜ୍ଞ ପ୍ରାର୍ଥୀ /ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ। ଛାତ୍ରାବାସରେ ରହିବାର ସୁବିଧା ଅଛି)

: ଯୋଗାଯୋଗ:

ଅଧକ୍ଷ, ବାଣୀପୀଠ ଚ୍ୟାରିଟେବୁଲ ଟ୍ରଷ୍ଟ
ବିବେକାନନ୍ଦ ବିହାର,ବଡସାହି, ମୟୂରଭଂଜ, ୭୫୭୦୨୬
ମୋ: ୯୮୬୧୦୫୯୮୮୩/ ୯୮୬୧୮୧୨୦୦୦/ ୮୧୪୪୪୭୮୫୯ / ୭୦୦୮୫୮୫୬୭୯ / ୯୮୫୩୩୩୮୭୪୧


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo